## ସଂକ୍ଷେପରେ

### ଚାଷୀ ସମାବେଶ ପାଇଁ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

କେନ୍ଦ୍ରାପଡ଼ା ଅଫିସ୍, ୧୩।୨
ଆସନ୍ତା ୧୫ ତାରିଖରେ କେନ୍ଦ୍ରାପଡା ବ୍ଲକ ବାରୁଅଠାରେ ଚାଷୀ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ କାଳିଆ ଯୋଜନା ଅନ୍ତର୍ଗତ ରାଜ୍ୟର ୫ ଲକ୍ଷ ଭୂମିହୀନ ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନର ଘୋଷଣା ହେବ। ଏହି ସମାବେଶକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହେଉଛି। ସଭାସ୍ଥଳ ସମେତ ଖାଦ୍ୟ, ପାନୀୟ, ଯାନବାହନ ନିରାକ୍ଷଣ ଆଦି କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇ କାର୍ଯ୍ୟକୁ ତଦାରଖ କରାଯାଉଛି। ଏଥିସହ ୪୦ଟି ସ୍ଥାନରେ ପାର୍କିଂ ଜୋନ ନିର୍ମାଣ ହେଉଛି। ଏ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଜିଲାପାଳ ଦାଶରଥି ଶତପଥୀଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓସାମ ବୋର୍ଡ ଅଧକ୍ଷ ବଲୱନ୍ତ ସିଂହ, ଏସ୍‌ପି ନୀତିଶେଖର, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ସମସ୍ତ ବିଡିଓ, ତହସିଲଦାର, ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ସାମିଲ ହୋଇଥିଲେ।

### ଭାଜପାର ଜନ ଅଦାଲତ

କେନ୍ଦ୍ରାପଡା ଅଫିସ, ୧୩।୨
ସହରର ମହାପାଳସ୍ଥିତ ଟେଲିକମ ଗ୍ରାଉଣ୍ଡ ପରିସରରେ ଭାଜପାର କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଜନଅଦାଲତ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତା ଓ ନିର୍ବାଚନ ମଣ୍ଡଳୀ ବିକାଶକୁ ଅଣଦେଖା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସଂଯୋଜକ ବିଷ୍ଣୁ ଦାଶ କୁହନ୍ତି, ଜନଅଦାଲତ କାର୍ଯ୍ୟକ୍ରମ ପାଇଁ ନିର୍ବାଚିତ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତେବେ କୌଣସି ବିଧାୟକ ଅଥବା ପୂର୍ବତନ ଏମ୍‌ପି ଏହି ଅଦାଲତରେ ହାଜର ହୋଇନାହାନ୍ତି। ତେବେ ଏହି ଅଦାଲତରେ ଲୋକସଭା ମଣ୍ଡଳୀର ଭୋଟରମାନେ କେନ୍ଦ୍ରାପଡ଼ା ବିକାଶରେ ଅବହେଳା ସମ୍ପର୍କରେ ଅଭିଯୋଗ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଭୁବନ ମୋହନ ଜେନା, ଅଲେଖ ଜେନା, ଉଜ୍ଜ୍ୱଳ ପରିଡା, ବ୍ରଜ ସୁନ୍ଦର ଭୂୟାଁ, ମାନସ ମହାନ୍ତି, ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ନେତା ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଜନଅଦାଲତରେ ଜଜ୍ ଭାବେ ସାମିଲ ହୋଇଥିବା ବରିଷ୍ଠ ଆଇନଜୀବୀ ରମାବଲ୍ଲଭ ଷଡ଼ଙ୍ଗୀ ବିଜେଡି ସରକାର କେନ୍ଦ୍ରାପଡା ଜିଲାର ଉନ୍ନୟନକୁ ଅବହେଳା କରିଥିବା ଦର୍ଶାଇଥିଲେ। ଏହି କାର୍ଯ୍ୟକ୍ରମକୁ ହରିହର ମହାପାତ୍ର ପରିଚାଳନା କରିଥିଲେ।

### ଚାନ୍ଦିଆବଟରେ ନାମଯଜ୍ଞ

**ଡେରାବିଶ, ୧୩।୨ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅଧୀନ ଛକନାସ୍ଥିତ ଚାନ୍ଦିଆବଟ ପୀଠରେ ମାଘସପ୍ତମୀ ତିଥି ଅବସରରେ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଅଧୀନ ଛକନା, ଜଇପୁର, ଦକ୍ଷୀଣପାରୀ ଓ ତିରିଣିଆ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ନାମଯଜ୍ଞରେ ଗଜିପୁରମଠର ଛୁଆବାବା ପୁରୋଧା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ବାରମ୍ବାର ଡଙ୍ଗା ବୁଡ଼ି ପରେ ବି ଚେତା ପଶୁନି

# ଜୀବନକୁ ପାଣି ଛଡ଼ାଇ ଡଙ୍ଗାରେ ଯାଉଛନ୍ତି ଲୋକେ


ବିପଦସଙ୍କୁଳ ଭାବେ ଲୋକେ ଡଙ୍ଗା ଯୋଗେ ପାର ହେଉଛନ୍ତି।

- ଘାଟ ନିଲାମ ପରେ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନି ପ୍ରଶାସନ
- ଡଙ୍ଗାରେ ରହୁନି ଲାଇଫ୍ ଜ୍ୟାକେଟ୍
- ବିପଦପୂର୍ଣ୍ଣ ଭାବେ ଚାଲିଛି ଯାତ୍ରୀ ପରିବହନ

**ଆଳି, ୧୩।୨ (ଡି.ଏନ.ଏ.)**
ବିପଦପୂର୍ଣ୍ଣ ଡଙ୍ଗାରେ ଯାତ୍ରୀ ପରିବହନ ଓ କ୍ଷମତାଠାରୁ ଅଧିକ ଯାତ୍ରୀ ବସାଇବା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଥିରେ ବହୁ ଧନଜୀବନ ନଷ୍ଟ ହେଉଥିବା ବେଳେ ଅକାଳରେ ଲୋକମାନଙ୍କ ଜୀବନ ଯାଉଛି। ଏହାପରେ ବି ପ୍ରଶାସନିକ ଅଧିକାରୀ କିମ୍ବା ଜନ ସାଧାରଣ ସଚେତନ ହେଉନାହାନ୍ତି। ପ୍ରତିବର୍ଷ କେଉଁଠି କେଉଁଠି ଡଙ୍ଗା ବୁଡ଼ି ଅଘଟଣ ଘଟୁଥିବା ଘଟଣା ନଜରକୁ ଆସୁଛି। ଗତ ଜାନୁୟାରୀ ମାସରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ନିପାଣିଆଠାରେ ଡଙ୍ଗା ବୁଡ଼ି ୮ଶିଶୁଙ୍କ ସମେତ ୧୦ଜଣଙ୍କ ଜୀବନ ଯାଇଥିଲା। ଧାରଣ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରାଯାଉଥିବାରୁ ଏଭଳି ଅଘଟଣ ଘଟିଥିବା ବେଳେ ଜିଲାର ଅନ୍ୟ କେତେକ ଘାଟରେ ବିପଦପୂର୍ଣ୍ଣ ଭାବେ ଡଙ୍ଗାଚାଳନା କରାଯାଉଛି।

ଆଳିବ୍ଲକର ଚତୁଃପାର୍ଶ୍ୱରେ ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀନଦୀ ପ୍ରବାହିତ। ବ୍ଲକ ଅଞ୍ଚଳର ଅନେକ ଗାଁ ରହିଛି, ଯେଉଁଠୁ ବାହାରକୁ ବାହାରିବା ପାଇଁ ଲୋକମାନେ ମୁଖ୍ୟତଃ ଡଙ୍ଗା ଉପରେ ନିର୍ଭର କରନ୍ତି। ବ୍ଲକ ଅଧୀନ ପଦନୀପାଳ ପଞ୍ଚାୟତ ଚାରିପଟେ ଖରସ୍ରୋତା ନଦୀ ପ୍ରବାହିତ ହେଉଥିବାରୁ ପଦନୀପାଳ, ଦୈତାରୀପୁର ଓ କଳମଡ଼ା ଗ୍ରାମର ୫ହଜାରରୁ ଉର୍ଦ୍ଧ୍ୱ ଲୋକ ବର୍ଷସାରା ପାଣିଘେରରେ ବସବାସ କରୁଛନ୍ତି। ଘରୁ ବାହାରକୁ ବାହାରିଲେ ସେମାନଙ୍କୁ ଡଙ୍ଗାର ଆବଶ୍ୟକତା ପଡୁଥିବା ବେଳେ ଘାଟରେ ରହୁଥିବା ଡଙ୍ଗାରେ ଲାଇଫ୍ ଜ୍ୟାକେଟ୍ ଉପଲବ୍ଧ ରହୁନାହିଁ। ସେହିପରି ଏକମାଣିଆ ପଞ୍ଚାୟତ ଅଧୀନ ଏକମାଣିଆ, ନଳପାହି ଓ ଦକ୍ଷିଣଡିହା ଗ୍ରାମବାସୀଙ୍କର ସମାନ ସମସ୍ୟା। ବିଭିନ୍ନ କାର୍ଯ୍ୟରେ ଲୋକମାନେ ଗାଁ ବାହାରକୁ ଡଙ୍ଗାରେ ଯା'ଆସ କରୁଥିବା ବେଳେ ସେମାନଙ୍କ ସୁରକ୍ଷା ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉନି। ଆଳି ବ୍ଲକ ଗିରିବନ୍ଧ ଗ୍ରାମ ନିକଟସ୍ଥ ବଳିତର ଘାଟ ପାର ହୋଇ ପ୍ରତିଦିନ ଶହଶହ ଲୋକ ଆଳିରୁ-ରାଜକନିକା ଯାତାୟାତ କରିଥାନ୍ତି। ଏହିସ୍ଥାନରେ ଏକ ସେତୁ ନିର୍ମାଣ ଲାଗି ବାରମ୍ବାର ଦାବି କରିବା ସତ୍ତ୍ୱେ ଅଦ୍ୟାବଧି ସେତୁ ନିର୍ମାଣ କରାଯାଉନି। ଏଠାରେ ସେତୁ ନିର୍ମାଣ ଲାଗି ଟେଣ୍ଡର ପରେ ଟେଣ୍ଡର ହେଉଥିବା ବେଳେ ସେହି ଫାଇଲ ସରକାରୀ ନାଲିଫିତା ତଳେ ରହିଯାଉଛି। ଲୋକମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଡଙ୍ଗାରେ ଯା'ଆସ କରୁଥିବା ବେଳେ କେବଳ ଘାଟ ନିଲାମ କରିଦେଇ ପ୍ରଶାସନ ମୁଣ୍ଡରୁ ଦାୟିତ୍ୱ ଓହ୍ଲାଇ ଦେଉଛି। ଫଳରେ ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଡଙ୍ଗାର ଧାରଣ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ, ବିନା ରେଜିଷ୍ଟ୍ରେଶନରେ ଡଙ୍ଗା ଚଳାଚଳ କରୁଥିବାରୁ କେଉଁ ସମୟରେ ଯେ ଦୁର୍ଘଟଣା ନଘଟିବ ତାହା କହିହେବନାହିଁ। ଘାଟ ନିଲାମ ଦେଇ ସରକାର ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରୁଥିବା ବେଳେ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉ ନ ଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ସେତୁ ନିର୍ମାଣ ଓ ବିଭିନ୍ନ ଘାଟରେ ଚଳାଚଳ କରୁଥିବା ଡଙ୍ଗାଗୁଡ଼ିକର ଯାଞ୍ଚ କରିବା ଲାଗି ଏକମାଣିଆ ଓ ପଦନୀପାଳ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଅଜ୍ଞାନରୂପୀ ଅନ୍ଧକାରକୁ ଶିକ୍ଷା ଆଲୋକିତ କରିଥାଏ


ବାର୍ଷିକ ଉତ୍ସବରେ ଅତିଥି ଓ ଅନ୍ୟମାନେ।

ଡେରାବିଶ, ୧୩।୨ (ସ୍ୱ.ପ୍ର.)
ଅଜ୍ଞାନତାର ଅନ୍ଧକାରରେ ରହିଥିବା ଲୋକମାନେ ଭୁଲ ମାର୍ଗରେ ଚାଲିବା ସହିତ ବିଭିନ୍ନ ଅସମାଜିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି। ହେଲେ ଶିକ୍ଷିତ ଲୋକମାନେ ଉଚିତ ପଥରେ ଚାଲିବା ସହ ଏକ ସୁସ୍ଥ ସମାଜ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାନ୍ତି। ଅଜ୍ଞାନରୂପୀ ଅନ୍ଧକାରରେ ଥିବା ବ୍ୟକ୍ତି ବିଶେଷଙ୍କୁ ଶିକ୍ଷା ଆଲୋକର ମାର୍ଗ ଦେଖାଇଥାଏ। ଡେରାବିଶ ବ୍ଲକ ଠାକୁରହାଟସ୍ଥିତ ମଡର୍ନ ପବ୍ଲିକ ସ୍କୁଲର ୨୪ତମ ବାର୍ଷିକ ଉତ୍ସବରେ ଅତିଥିମାନେ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ନାରାୟଣ ପ୍ରସାଦ ପାତ୍ରଙ୍କ ପୌରୋହିତ୍ୟରେ ସୋମବାର ସନ୍ଧ୍ୟାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଗାଳ୍ପିକ ତଥା ମଦନପୁର କଲେଜର ପ୍ରାକ୍ତନ ଅଧକ୍ଷ ମୋହନ ଚରଣ ଜେନା ମୁଖ୍ୟଅତିଥି, ପ୍ରାକ୍ତନ ଅଧାପକ ଗୋଲଖଚନ୍ଦ୍ର ମହାଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍କୁଲର ଶିକ୍ଷାନୁଷ୍ଠାନର ପବିତ୍ରତା ବଜାୟ ରଖିବାକୁ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କୁଶିଆପାଳ ସରପଞ୍ଚ ପ୍ରଭାତୀ ସାହୁ, ସମିତିସଭ୍ୟ ନିରୁପମା ବେହେରା, ଗୁଆଳସିଂ ସରପଞ୍ଚ ବଟକୃଷ୍ଣ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କୈଳାସଚନ୍ଦ୍ର ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ସ୍କୁଲରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଓ ବାର୍ଷିକ କ୍ରୀଡ଼ାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲର ଉପଦେଷ୍ଟା ଶିକ୍ଷାବିତ୍ ଗୌରାଙ୍ଗ ଚରଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦା ଦାସ ବାର୍ଷିକ ବିବରଣୀ ପାଠ ଓ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମିଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମଲ୍ଲ, ଇତିଶ୍ରୀ ମଲିକ, ସୋନାଲୀ ପାତ୍ର, ଶିକ୍ଷକ ହିମାଂଶୁ ଶେଖର ସାହୁ, ହିମାଂଶୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଦେଶ କଂଗ୍ରେସର ଜନ ପରାମର୍ଶ ଶିବିର


ଶିବିରରେ କଂଗ୍ରେସ ନେତା ଓ କର୍ମୀମାନେ।

କେନ୍ଦ୍ରାପଡା ଅଫିସ, ୧୩।୨
ସହରର ମାଧପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ପ୍ରଦେଶ କଂଗ୍ରେସର ଜନ ପରାମର୍ଶ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଜ୍ୟ ଇସ୍ତାହାର କମିଟି ଅଧକ୍ଷ ଗଣେଶ୍ୱର ବେହେରା ଯୋଗଦେଇ ଜିଲାର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। ଏହି ଅବସରରେ ସେ ପ୍ରକାଶ କରିଥିଲେ ଯେ, ଗତ ବିଧାନସଭା ନିର୍ବାଚନରେ ଦେଶର ୩ଟି ରାଜ୍ୟରେ କଂଗ୍ରେସ ସଫଳତା ଅର୍ଜନ କରିଛି। ଏହି ବିଜୟ ପଛରେ ଦଳର ଇସ୍ତାହାର ରହିଛି। ଦଳୀୟ ଇସ୍ତାହାର ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟ କଂଗ୍ରେସକୁ ସଫଳତା ଆଣିଦେବ ବୋଲି ସେ ପ୍ରକାଶ କରିଥିଲେ। ଶିବିରରେ ଦଳର କର୍ମକର୍ତ୍ତା ଲିୟାକତ ଅଲ୍ଲୀ, ସୁଦର୍ଶନ ଦାସ, ଅମୀୟ କୁମାର ପାଣ୍ଡବ, ଧରଣୀଧର ନାୟକ, ଜୟନ୍ତ କୁମାର ମହାନ୍ତି, ଜିଲା ସଭାପତି ଚିନ୍ମୟ କୁମାର ବେହେରା ପ୍ରମୁଖ ସାମିଲ ହୋଇ ଦଳୀୟ ଇସ୍ତାହାର ପାଇଁ ପରାମର୍ଶ ଲୋଡିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

**କେନ୍ଦ୍ରାପଡା ଅଫିସ, ୧୩।୨**
କାଳିଆ ସମାବେଶ ପାଇଁ ଆସନ୍ତା ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡା ଗସ୍ତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ଜିଲାର ବିକାଶକୁ ରାଜ୍ୟ ସରକାର ଅଣଦେଖା କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏଥିସହ ଜିଲାର ଉନ୍ନୟନ ସମ୍ପର୍କରେ ପ୍ରଶ୍ନ ଉଠାଇଛନ୍ତି। ସହରର କଳଜାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ମିଳନୀରେ ଜିଲା ସଭାପତି ଚିନ୍ମୟ ବେହୁରା, ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ ଦାସ, ଯୁବନେତା ସଞ୍ଜୟ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### କ୍ଷୁଧାମୁକ୍ତ ରାଜ୍ୟ ପାଇଁ ସଚେତନତା ରାଲି

**କେନ୍ଦ୍ରାପଡା ଅଫିସ, ୧୩।୨:** ରାଜ୍ୟ ସରକାରଙ୍କ କ୍ଷୁଧାମୁକ୍ତ ରାଜ୍ୟ ଯୋଜନାର ସଚେତନତା ରାଲି ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଖାଦ୍ୟ କମିଶନ ସଦସ୍ୟା ଡା. ସିପ୍ରା ମଲ୍ଲିକଙ୍କ ପକ୍ଷରୁ ଆୟୋଜିତ ଏହି ରାଲି ସହରର ତିନିମୁହାଣିସ୍ଥ ରାମମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ଡା. ମଲ୍ଲିକ ସୂଚନା ଦେଇଥିଲେ ଯେ, ରାଜ୍ୟ ସରକାର ସମସ୍ତଙ୍କ ଖାଦ୍ୟ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ଏଥିପାଇଁ ଆହାର ଯୋଜନା ସହିତ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଶିଶୁ ଓ ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ, ବୃଦ୍ଧାବୃଦ୍ଧଙ୍କ ପାଇଁ ବିଶେଷ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ସେହିପରି ରାଜ୍ୟ ସରକାର ବିଭିନ୍ନ ବର୍ଗ ପାଇଁ ଭତ୍ତା ବ୍ୟବସ୍ଥା କରି କ୍ଷୁଧାମୁକ୍ତ ଓଡିଶା ସ୍ୱପ୍ନକୁ ସାକାର କରୁଛନ୍ତି। କୌଣସି ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଥିଲେ, ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ଦୃଷ୍ଟିକୁ ଆଣିବା ପାଇଁ ଏହି ରାଲିରେ ନିବେଦନ କରାଯାଇଥିବା ଡା. ମଲ୍ଲିକ ପ୍ରକାଶ କରିଛନ୍ତି। ରାଲିରେ ଶତାଧିକ ମୋଟରସାଇକେଲ ସାମିଲ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟତଳେ ଗଲା ନେଉଳ;**
**କାନ କୁହାକୁହି ଗୁପତ କଥା**
**ମତେ କହୁନାହୁଁ ବଉଳ ।**

ସମ୍ପର୍କ ଯେତେ ମଧୁର ଓ ନିବିଡ଼ ହୋଇଥିଲେ ମଧ ଏପରି କିଛି କଥା ଥାଏ, ଯାହା ଅନ୍ୟ ଆଗରେ ଖୋଲିକରି କହି ହୋଇ ନ ଥାଏ। କାରଣ ଗୋପନୀୟ କଥା ପ୍ରକାଶ କରିଦେଲେ ଗୁମର ଫିଟିଯିବାର ଭୟ ରହିଥାଏ। ଏପରିସ୍ଥଳେ ବାନ୍ଧବୀ ମୁହଁରୁ କିଛି ଗୁପ୍ତକଥା ଶୁଣିବା ଲାଗି ଅଳି କରୁଥିବା ଯୁବତୀର ବ୍ୟାକୁଳତାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଖଇରୀ ଟୋପି,**
**ବେଳ ଉଣ୍ଡି କି ଗଡ଼ିଲେ ଗୋପୀ ।**

ଈପ୍‌ସିତ ଇଚ୍ଛା ପୂରଣ କରିବା ପାଇଁ ସ୍ୱାର୍ଥସନ୍ଧିତ୍ସୁ ବ୍ୟକ୍ତି ବେଳ ଉଣ୍ଡି ପହଞ୍ଚି ଯାଇଥାନ୍ତି। କେତେବେଳେ ଆସିଲେ ମନୋବାଞ୍ଛା ଅଚିରେ ପୂରଣ ହୋଇପାରିବ, ସେ ବିଦ୍ୟା ତାଙ୍କୁ ବେଶ୍ ଭଲଭାବେ ଜଣାଯାଇଥାଏ। ପରୋକ୍ଷରେ ନିଜ ମନର ମଣିଷ ସହ ଭେଟ କରିବାର ପ୍ରକୃଷ୍ଟ ସମୟ ପ୍ରେମୀ ପାଖେ ଅଛପା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବ୍ଲକ ଆଗରେ ସରପଞ୍ଚ, ସମିତିସଭ୍ୟଙ୍କ ଅନଶନ


ଅନଶନସ୍ଥଳରେ ଲୋକପ୍ରତିନିଧିମାନେ।

**ମହାକାଳପଡ଼ା, ୧୩।୨ (ଡି.ଏନ୍.ଏ.)**
ସରକାରୀ ଯୋଜନାରେ ବ୍ଲକର ୩ ପଞ୍ଚାୟତକୁ ଅଣଦେଖା ପ୍ରତିବାଦରେ ବୁଧବାର ବ୍ଲକ କାର୍ଯ୍ୟାଳୟ ଆଗରେ ଉକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଅନଶନରେ ବସିଥିଲେ। ଅଳାଇଲ, ବଡ଼କୂଳ ଓ ପାଟଲିପଙ୍କ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଅନୁଦାନ ମଞ୍ଜୁର ହୋଇଥିଲେ ବି ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟାରମ୍ଭ କରିବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏଥିସହ ଉକ୍ତ ପଞ୍ଚାୟତଗୁଡ଼ିକରେ ବିଭିନ୍ନ ଜନକଲ୍ୟାଣ ଯୋଜନାମାନ ଠପ୍ ହୋଇଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଅବ୍ୟାହତ ରହିବ ବୋଲି ଅନଶନକାରୀମାନେ କହିଛନ୍ତି। ଖବରପାଇ ବିଡିଓ ରମେଶଚନ୍ଦ୍ର ସେଠୀ ଅନଶନସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଅନଶନରେ ଅଳାଇଲ ସରପଞ୍ଚ ପ୍ରଫୁଲ୍ଲ ବେହେରା, ସମିତି ସଭ୍ୟ ଦେବାଶିଷ ମିଶ୍ର, ବଡ଼କୂଳ ସରପଞ୍ଚ ଅକ୍ଷୟ କୁମାର ଲେଙ୍କା, ସମିତିସଭ୍ୟ ବିପିନ ବିହାରୀ ସ୍ୱାଇଁ ଏବଂ ଜୟଚନ୍ଦ୍ରପୁର ସରପଞ୍ଚ ପ୍ରଦୀପ ବେହେରା ଓ ସମିତିସଭ୍ୟ ଅଧୀର ମଲ୍ଲିକଙ୍କ ସମେତ ପାଟଲିପଙ୍କ ସମିତିସଭ୍ୟ ଆଶିଷ ଖଟୁଆ ଉପସ୍ଥିତ ଥିଲେ।

## ବହିଷ୍କାର ପ୍ରତିବାଦରେ ପାଚିକାଙ୍କ ଅନଶନ

ଡେରାବିଶ, ୧୩।୨ (ସ୍ୱ.ପ୍ର.)
କେନ୍ଦ୍ରାପଡ଼ା ଶିକ୍ଷା ଜିଲା ଅଧୀନ ଭାଗବତପୁର ପଞ୍ଚାୟତ ବାଲିଆ ନୋଡାଲ୍ ସରକାରୀ ହାଇସ୍କୁଲର ପାଚିକା ସାବିତ୍ରୀ ଦାସଙ୍କୁ ବହିଷ୍କାର କରାଯିବା ପ୍ରତିବାଦରେ ସେ ମଙ୍ଗଳବାର ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ଅଫିସ୍ ଆଗରେ ଅନଶନରେ ବସିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ମହାପାତ୍ର ତାଙ୍କ ସହ ଆଲୋଚନା କରିବା ସହ ପୁନଃ ନିଯୁକ୍ତି ଓ ପୂର୍ବ ମାସର ଦରମା ପ୍ରଦାନ କରାଯିବା ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ସେ ଅନଶନରୁ ଉଠିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ଡେରାବିଶ, ୧୩।୨ (ସ୍ୱ.ପ୍ର.)**
କେନ୍ଦ୍ରାପଡ଼ା ସଦର ଥାନା ଅଧୀନ କଳିଙ୍ଗ ଆବାସିକ ବିଦ୍ୟାଳୟରେ ୩୦ତମ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସଦର ଥାନା ଅଧିକାରୀ କାବୁଲି ବାରିକ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର ସାମଲ ଓ କଳିଙ୍ଗ ଆବାସିକ ବିଦ୍ୟାଳୟ ଅଧକ୍ଷ ମନୋଜ କୁମାର ପ୍ରଧାନଙ୍କ ଉଦ୍ୟମରେ ଚାନ୍ଦୋଳ ଫାଣ୍ଡି ନିକଟରୁ କଳିଙ୍ଗ ଆବାସିକ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ସଦର ଥାନା ଓ ଚାନ୍ଦୋଳ ଫାଣ୍ଡି କର୍ମଚାରୀ, କଳିଙ୍ଗ ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ସାମାଜିକ କର୍ମୀ ପଞ୍ଚାନନ ଶତପଥୀ, ନିଶାମଣି ବେହେରା, ପର୍ଶୁରାମ ମଲ୍ଲ, ମଧୁସୂଦନ ଘଡ଼େଇ, ବଂଶୀଧର ଜେନା, ବିଭୁଦେନ୍ଦୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ହେଲମେଟ୍ ନ ପିନ୍ଧି ଗାଡ଼ି ଚଳାଉଥିବା ଲୋକମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ହେଲ୍‌ମେଟ୍ ପିନ୍ଧିବାକୁ ସଚେତନ କରାଯାଇଥିଲା। ଏହି ଅବସରରେ ଅଧକ୍ଷ ପ୍ରଧାନଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ ମୁଖ୍ୟଅତିଥି, ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର ସାମଲ ମୁଖ୍ୟବକ୍ତା ଏବଂ ଅତିରିକ୍ତ ପରିବହ ଅଧିକାରୀ ପ୍ରିୟବ୍ରତ ନାୟକ, ଏମ୍‌ଭିଆଇ ପଦ୍ମଜା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ଉମେଶ ଚନ୍ଦ୍ର ତ୍ରିପାଠୀ, ସୁଖଦାନନ୍ଦ ପ୍ରଧାନ, କୃଷ୍ଣ ଚନ୍ଦ୍ର ବଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଚାନ୍ଦୋଳ ହାଟରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ତରଫରୁ ପାଲା ମାଧ୍ୟମରେ ସଡ଼କ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ସହି ଋଣ ବଦଳେ ଚାହେଁଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବାଣିଜ୍ୟ BPL ଋଣ ପାଆନ୍ତୁ 25 ଲକ୍ଷ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଗାନିୟା ସୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବାଣିଜ୍ୟ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଧମାକା - ଋଣ ଧମାକା
ଧନଲକ୍ଷ୍ମୀ ଫାଇନାନ୍ସ
GOVT. APPROVED
ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ଗୃହ, ମାର୍କଶିଟ୍
ସବୁ ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383
House No.2, Ram Nagar, Narnol, Haryana

! !ଋଣ ଋଣ ଋଣ ! !
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ସଂକ୍ଷେପରେ

### ଗ୍ୟାସ ବ୍ୟବହାର ନେଇ ସଚେତନତା କର୍ମଶାଳା



**ମାର୍ଶାଘାଇ,୧୩।୨(ଡ଼ିଏନ୍‌ଏ)**-ମାର୍ଶାଘାଇ ବ୍ଲକ କୁସୁନପୁର ଚାଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଗ୍ୟାସ ବ୍ୟବହାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଜ୍ଜ୍ୱଳା ବ୍ଲକ ସଂଯୋଜକ ନିର୍ମଳ ଚନ୍ଦ୍ର ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଦୁମୁକା ପଞ୍ଚାୟତର ପ୍ରତିମା ନାୟକଙ୍କ ସହ ଶତାଧିକ ଗୃହିଣୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ସୁରକ୍ଷିତ ଗ୍ୟାସ ବ୍ୟବହାର ଉପରେ ତାଲିମ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଆର୍ଥିକ ଅନଗ୍ରସର ପରିବାରକୁ ମାଗଣାରେ ରନ୍ଧନ ଗ୍ୟାସ ସହ ଗ୍ରାହକ ସେବା କେନ୍ଦ୍ର ଓ ଅଧିକୃତ ବିକ୍ରେତାଙ୍କ ଜରିଆରେ ଗ୍ୟାସ ବ୍ୟବହାରକାରୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ।

### ବନ୍ଧୁମିଳନ ଉତ୍ସବ



**ପଟ୍ଟାମୁଣ୍ଡାଇ,୧୩।୨(ସ୍ୱ.ପ୍ର)**- ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମ୍‌.ଏନ୍. ହାଇସ୍କୁଲର ୧୯୭୯ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରମାନଙ୍କର ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ମଙ୍ଗଳା ମଣ୍ଡପଠାରେ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ୪୦ବର୍ଷ ପରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ରମାନେ ଯୋଗଦେଇ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହିତ ବିଗତ ଦିନର ପାଠପଢ଼ା ବେଳର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶିକ୍ଷାଦାନ କରିଥିବା ଗୁରୁଜୀମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଉକ୍ତ ବ୍ୟାଚ୍‌ର ଦିବଂଗତ ଛାତ୍ର ତପନ କୁମାର ଦାସ, ତପନ କୁମାର ମିଶ୍ର, ଦିଲିପ ଦାସ (ବାବାଜୀ)ଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବନ୍ଧୁମିଳନରେ ପ୍ରମୋଦ କୁମାର ଖଣ୍ଡାୟୀ, ସୁମନ୍ତ ପାତ୍ର, ରବୀନ୍ଦ୍ର ରାଉତ, ଆଦିତ୍ୟ ରାଉତ, ଗଗନ ସାହୁ, ରାଜେନ୍ଦ୍ର ବର୍ମା, ପତିତପାବନ ବଳ, ମନୋଜ କୁମାର ତ୍ରିପାଠୀ, ଇଂ ତପନ କୁମାର ପାତ୍ର, ଅକ୍ଷୟ ସାହୁ, ରଶ୍ମିରଞ୍ଜନ ଲେଙ୍କା, ଶୋଭାନ୍ ଖାଁ, ରଞ୍ଜିତ ପାତ୍ର, ସୀତାକାନ୍ତ ନାୟକ, ଶିବଚରଣ ପ୍ରଧାନ, ମିହିର କୁମାର ସାହୁ, ବିଜୟ ତ୍ରିପାଠୀ, ଭରତ ଚନ୍ଦ୍ର ଭଦ୍ର, ତପନ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ବନ୍ଧୁମିଳନରେ ଆଗାମୀ ଦିନରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଆଗାମୀ ବର୍ଷରେ ପ୍ରତିଥର ଫେବୃୟାରୀ ମାସରେ ଏମ୍.ଏନ୍ ହାଇସ୍କୁଲ ପରିସରରେ ବନ୍ଧୁମିଳନ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ପାତ୍ର, ସୁରେନ୍ଦ୍ର କୁମାର ପାତ୍ର, ନିରଞ୍ଜନ ପଣ୍ଡା, ଅଶୋକ କୁମାର ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ରାଉତ, ଅରୁଣ ସାହୁ, ଜହିର ଖାଁ ପ୍ରମୁଖ ଯୋଗ ଦେଇଥିଲେ।

■ କଳାମ ଦ୍ୱୀପରେ କ୍ଷେପଣାସ୍ତ୍ର ପରୀକ୍ଷଣ

# ଅନ୍ତୁଡ଼ିଶାଳରେ ଅସୁରକ୍ଷିତ ଅଲିଭ୍ ରିଡ୍‌ଲେ

**କେନ୍ଦ୍ରାପଡ଼ା ଅଫିସ୍, ୧୩।୨**

■ ଅଲିଭରିଡ୍‌ଲେଙ୍କ ପ୍ରତି ବିପଦ ସୃଷ୍ଟି କରୁଛି କ୍ଷେପଣାସ୍ତ୍ର ପରୀକ୍ଷଣ, ବେଆଇନ ମାଛଧରା

■ ନଭେମ୍ବର ୧ରୁ ମେ ଶେଷ ପର୍ଯ୍ୟନ୍ତ କ୍ଷେପଣାସ୍ତ୍ର ପରୀକ୍ଷଣ ବନ୍ଦ ପାଇଁ ନିବେଦନ

କେନ୍ଦ୍ରାପଡା ଜିଲା ଗହୀରମଥାଠାରୁ ମାତ୍ର ଦୁଇ କିଲୋମିଟର ଦୂର ଭଦ୍ରକ ଜିଲା ଧାମରାସ୍ଥିତ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ପୃଥ୍ୱୀ ଏୟାର ଡିଫେନ୍ସ ମିଜାଇଲ ମଙ୍ଗଳବାର ପରୀକ୍ଷଣ କରାଯାଇଛି। ଏହା ପୂର୍ବରୁ ଡିସେମ୍ବର ୨୩ରେ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ ହୋଇଥିଲା। ଦେଶର ପ୍ରତିରକ୍ଷା ବିଭାଗକୁ ଶକ୍ତିଶାଳୀ କରିବା ପାଇଁ ହେଉଥିବା ଏହି ପରୀକ୍ଷଣ ଯୋଗୁ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେଙ୍କ ଅନ୍ତୁଡ଼ିଶାଳ ଗହୀରମଥାରେ ସେମାନଙ୍କ ବଂଶ ବୃଦ୍ଧି ଓ ଆଗମନ ସଙ୍କଟ ଆଡକୁ ଗତି କରୁଛି। ପରିବେଶବିତ୍‌ମାନେ ଏଥିରେ ଉଦ୍‌ବେଗ ପ୍ରକାଶ କରିବା ସହ ନଭେମ୍ବର ୧ରୁ ମେ ଶେଷ ପର୍ଯ୍ୟନ୍ତ କ୍ଷେପଣାସ୍ତ୍ର ପରୀକ୍ଷଣକୁ ବନ୍ଦ ପାଇଁ ନିବେଦନ କରିଛନ୍ତି। ବାରହାପୁର ଗ୍ରାମର ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ବିଭିନ୍ନ ପ୍ରତିକୂଳ ପରିବେଶକୁ ସହନ କରି ହଜାରେ ଅଣ୍ଡାରୁ ମାତ୍ର ଗୋଟିଏ ଅଲିଭ ରିଡ୍‌ଲେ ବାହାରିଥାଏ। ଚଳିତ ବର୍ଷ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ଗହୀରମଥାରେ ଅଲିଭ ରିଡଲେ ରେକର୍ଡ ସଂଖ୍ୟକ ପହଞ୍ଚିଛନ୍ତି। ଫ୍ଲାଟବ୍ୟାକ୍ସ, ଲଗରହେଡସ୍, ଗ୍ରୀନ ଟର୍‌ଟଲ, ଲେଦରବ୍ୟାକ୍ସ, ହକ୍‌ସବିଲ୍‌ସ, ଅଲିଭ ରିଡଲେ ଓ କେମ୍ପସ ରିଡଲେ ଆଦି ବିରଳ କଇଁଛ ସାମୁହିକ ଅଣ୍ଡାଦାନ ପାଇଁ ଉପଯୁକ୍ତ ସ୍ଥଳ ଚୟନ କରିଥାନ୍ତି। ତେବେ ଏମାନଙ୍କ ମଧ୍ୟରୁ ଅଲିଭ ରିଡଲେ ବଙ୍ଗୋପସାଗରର ଓଡ଼ିଶା ତଟବର୍ତ୍ତୀ ଅଞ୍ଚଳକୁ ଆଣ୍ଡାଦାନ ପାଇଁ ନିରାପଦ ମଣିଥାନ୍ତି। ଗତ ନଭେମ୍ବରରୁ ଅଦ୍ୟାବଧି ୭୪ ଟ୍ରଲର ଜବତ ହୋଇଥିବା ବେଳେ ୬୪୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ନିଷିଦ୍ଧାଞ୍ଚଳରୁ ଗିରଫ ହୋଇଛନ୍ତି। କଲାମ ଦ୍ୱୀପରେ କ୍ଷେପଣାସ୍ତ୍ର ପରୀକ୍ଷଣ ସାଙ୍ଗକୁ ନିଷିଦ୍ଧାଞ୍ଚଳରେ ବେଆଇନ ମାଛଧରା କଇଁଛଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଓଡ଼ିଶା ବନ୍ୟଜନ୍ତୁ ସୁରକ୍ଷା ସମିତ ସମ୍ପାଦକ ବିଶ୍ୱଜିତ ମହାନ୍ତି କୁହନ୍ତି, ଗହୀରମଥାର ସୁରକ୍ଷା ନହେଲେ ଏଠାକୁ ବିରଳ କଇଁଛଙ୍କ ଆଗମନ ହ୍ରାସ ପାଇବ। ସେ ସୂଚନା ଦେଇଛନ୍ତି, ୧୯୯୭ରେ ପରିବେଶବିତ ବାଙ୍କବିହାରୀ ଦାସ ଅଲିଭ ରିଡଲେଙ୍କ ଗହୀରମଥାରେ ଏକାଠି ହେବା ସମ୍ପର୍କରେ ତତ୍କାଳୀନ ଡିଆର୍‌ଡିଓ (ଡିଫେନ୍ସ ରିସର୍ଚ୍ଚ ଏଣ୍ଡ ଡେଭଲେପମେଣ୍ଟ ଅର୍ଗାନାଇଜେଶନ) ମୁଖ୍ୟ ଡା. ଏପିଜେ ଅବଦୁଲ କଲାମଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଲୋଚନା ସମୟରେ ଅଲିଭ ରିଡଲେଙ୍କ ସୁରକ୍ଷା ସ୍ଥଳୀ ଭାବେ ରଖିବାକୁ କ୍ଷେପଣାସ୍ତ୍ର ପରୀକ୍ଷଣକୁ ବନ୍ଦ ପାଇଁ ମତ ଦେଇଥିଲେ। ଡା. କଲାମ ଏହି ଆଲୋଚନାକୁ ଗୁରୁତ୍ୱ ଦେଇ ନଭେମ୍ବରରୁ ମେ ପର୍ଯ୍ୟନ୍ତ ଦ୍ୱୀପରେ ଥିବା ଆଲୋକ ଉତ୍ସକୁ ଘୋଡାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ୧୯୯୯ରେ ଡା. କଲାମ ଡିଆରଡିଓରୁ ବିଦାୟ ନେବା ପରେ କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବପରି ଆରମ୍ଭ ହୋଇଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ଶ୍ରୀରାମପଦ ଅରବିନ୍ଦ ମିଶ୍ର କୁହନ୍ତି, ଏ ସମ୍ପର୍କରେ ଗତ ଅକ୍ଟୋବରରେ ଡିଆରଡିଓ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ଏ ନେଇ ଡିଆରଡିଓ କର୍ତ୍ତୃପକ୍ଷଙ୍କ ସହ ଅଧିକ ଆଲୋଚନା ହୋଇ ନଥିବା ସେ ପ୍ରକାଶ କରିଛନ୍ତି।

■ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ୨ୟ ସନ୍ଧ୍ୟା

# ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ

**ରାଜନଗର,୧୩।୨(ଡିଏନଏ)**



ଉତ୍ସବରେ ଉପସ୍ଥିତ ଅତିଥିମାନେ।

ରାଜନଗର ବ୍ଲକ କେରଡାଗଡସ୍ଥିତ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର ସଂସଦ ସଭାପତି ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଅଂଶୁମାନ ମହନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ବ୍ୟସ୍ତବହୁଳ ଦୁନିଆରେ କେବଳ ବହି ପାଠ ନୁହେଁ ଗୁଣାତ୍ମକ ଶିକ୍ଷାର ବିକାଶ ଘଟିଲେ ଛାତ୍ରୀଛାତ୍ରମାନେ ଉପଯୁକ୍ତ ଶିକ୍ଷା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଆଳି ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଯୋଗଦେଇ ଛାତ୍ରୀଛାତ୍ରମାନେ ଜୀବନରେ ସଫଳ ହେବା ପାଇଁ ନିର୍ଦ୍ଦିଷ୍ଟ ସଂକଳ୍ପ ନେଇ ଆଗକୁ ବଢିବାକୁ କହିଥିଲେ। ଏହି ଉତ୍ସବରେ ଗାଳ୍ପିକ ପ୍ରଦୀପ ନାୟକ ମୁଖ୍ୟବକ୍ତା, ଡ. ଅଭୟ କୁମାର ପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅନିଲ କୁମାର ବଳ ସ୍ୱାଗତ ଭାଷଣ ଦେଇଥିଲେ। ବୁଧବାର ସକାଳେ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗହୀରମଥାରୁ ୬ ଟ୍ରଲର ଜବତ, ୪୨ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୧୩।୨(ଡିଏନଏ)**

ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ୬ଟି ଟ୍ରଲରକୁ ବନବିଭାଗ ପାଟ୍ରୋଲିଂ ଟିମ ଜବତ କରିଛି। ଏହି ଟ୍ରଲରରେ ଥିବା ୪୨ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ବୁଧବାର ୨୫ ଜଣ ମତ୍ସ୍ୟଜୀବୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଗୁରୁବାର ଅନ୍ୟ ୧୭ଜଣଙ୍କୁ କୋର୍ଟ ଚାଲାଣ କରାଯିବ। ଗହୀରମଥା ଏସିଏଫ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ କଇଁଛ ସୁରକ୍ଷା ପାଇଁ ଗଭୀର ସମୁଦ୍ରରେ ପଇଁତରା ମାରୁଥିଲେ। ବାବୁବାଲି ନିକଟରୁ ମା' ଅନ୍ନପୂର୍ଣ୍ଣା, ମା' ରାମଚଣ୍ଡୀ, କେଜିଏମ ନାମକ ଟ୍ରଲର ଏବଂ ଏକକୂଳା ନିକଟରୁ ମା' ତାରିଣୀ, ମା' ଦେବୀଗଙ୍ଗା ଓ ମା କାଳୀ ଟ୍ରଲର ଜବତ କରାଯାଇଥିଲା। ଏହି ଘଟଣାରେ ଶମ୍ଭୁନାଥ ମଣ୍ଡଳ, ସୁଶାନ୍ତ କୁମାର ଦାସ, ଲକ୍ଷ୍ମଣ ବେରା, ଦୁଃଶାସନ ଦଳାଇ, ଶମ୍ଭୁନାଥ ଚଟିଆଳ, ବାଦଲ ମଲ୍ଲିକ, ଭାସଲି ମଲ୍ଲିକ, ସୁନିଲ କୁମାର ପରମାଣିକ, ତପନ ବର, ରତନ ବର, ନନ୍ଦ ବର, ଶୁକଦେବ ମଣ୍ଡଳ, ବାସୁଦେବ ମଣ୍ଡଳ, ସମୀର ମଣ୍ଡଳ, ପ୍ରଦୀପ୍ତ ମଣ୍ଡଳ, ରାମ ଖମାରି, ଜୟନ୍ତ ଦିଣ୍ଡା, ଇନ୍ଦ୍ରମଣି ନାଥ, ଲବ ବର୍ମନ, ସୁଧୀର ବର୍ମନ, କୁଶ ବର୍ମନ, ଭାଗୀରଥୀ ମଣ୍ଡଳ, ପ୍ରଶାନ୍ତ ମଣ୍ଡଳ, ଗୟାରାମ ମଣ୍ଡଳ, ଗୋପାଳ ମଣ୍ଡଳ, ଲକ୍ଷ୍ମୀପଦ ଦାସଙ୍କ ସମେତ ୪୨ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଜବତ ୬ଟି ଟ୍ରଲରରୁ ମାଛଧରା ଜାଲ ଜବତ କରାଯାଇଛି।

# ପିଠା କାର୍ଯ୍ୟକ୍ରମରେ କଳି

**କେନ୍ଦ୍ରାପଡା ଅଫିସ,୧୩।୨**– କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତର ପିଠା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରିକ ବଲ୍‌ବ ବଣ୍ଟନ ହେଉଥିବା ବେଳେ ହିତାଧିକାରୀ ଓ ସରପଞ୍ଚଙ୍କ ପ୍ରତିନିଧିଙ୍କ ମଧ୍ୟରେ ଝଗଡ଼ା ହୋଇଛି। ତେବେ ଘଟଣା ସମ୍ପର୍କରେ ଖବରପାଇ ସଦର ପୋଲିସ ପହଞ୍ଚିବା ପରେ ଉତ୍ତେଜନା ଶାନ୍ତ ପଡିଥିଲା।

ସୂଚନା ଅନୁଯାୟୀ, ଏହି କାର୍ଯ୍ୟକ୍ରମରେ ସମସ୍ତ ହିତାଧିକାରୀଙ୍କୁ ବଲ୍‌ବ ବଣ୍ଟନ ପାଇଁ ପ୍ରଚାର ହୋଇଥିଲା। ଏହି ବଲ୍‌ବ ବଣ୍ଟନ ସମୟରେ ବହୁ ହିତାଧିକାରୀ ଯୋଗ ଦେବାରୁ ବଣ୍ଟନକାରୀ ଏହାକୁ ବନ୍ଦ କରି ଦେଇଥିଲେ। ଫଳରେ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ଏହି କାର୍ଯ୍ୟକ୍ରମ ସଞ୍ଚାଳନ କରୁଥିବାରୁ ଅଫିସ ଗୃହକୁ ତାଲା ପକାଇଥିଲେ। ଫଳରେ ହିତାଧିକାରୀଙ୍କ ଅସନ୍ତୋଷ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲା।

# ରାଜନଗର କଂଗ୍ରେସର ମିଶ୍ରଣ ପର୍ବ

**ରାଜନଗର,୧୩।୨(ଡିଏନଏ)**

ରାଜନଗର ବ୍ଲକ ହାତିନା ପଞ୍ଚାୟତର ଏଣ୍ଟୁଳାପୁର ଠାରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଣ୍ଟୁଳାପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଅଂଶୁମାନ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ୩୧ ନଂ ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା, କଂଗ୍ରେସନେତା ସନ୍ତୋଷ କୁମାର ମହାନ୍ତି , ସୂର୍ଯ୍ୟମଣି ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏଣ୍ଟୁଳାପୁର ଭେଡିସାହିର ଅମର ରାଉତ, ଅଲେଖ ରାଉତ, ନିରଞ୍ଜନ ସାହୁ, ଅନାଦି ଚରଣ ରାଉତ, କୁମରମଣି ଜେନା, ବିଷ୍ଣୁଚରଣ ରାଉତ, ପ୍ରଫୁଲ୍ଲ ରାଉତ, ବସନ୍ତ ପ୍ରଧାନ, ଭରତ ସେଠୀ, ସୁବାଷ ସେଠୀ, ଜନକର ରାଉତ, ବିଜୟ ସେଠୀ, ଅମର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମହେଶ୍ୱର ଜେନା ପ୍ରମୁଖ ବିଜୁ ଜନତା ଦଳ ଛାଡି କଂଗ୍ରେସରେ ଯୋଗ ଦେଇଥିଲେ। ଦଳରେ ଯୋଗ ଦେଇଥିବା ନୂତନ ସଦସ୍ୟମାନଙ୍କୁ ବିଧାୟକ ମହାନ୍ତି ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

# କେନାଲରେ ବୁଡି ଯୁବକଙ୍କ ମୃତ୍ୟୁ

**ମାର୍ଶାଘାଇ,୧୩।୨(ଡିଏନଏ)**

ବୁଧବାର ରାତି ୮ଟାରେ ମାର୍ଶାଘାଇ-ଜମ୍ବୁ କେନାଲରେ ବୁଡିଯାଇ କବିନ୍ଦ୍ର ଦାସ (୪୬) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ମାର୍ଶାଘାଇ ଗ୍ରାମରେ। ସେ ଶୌଚ ହେବା ପାଇଁ କେନାଲକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ

# ଭଲ ମଣିଷ ତିଆରି ପାଇଁ ଶୈକ୍ଷିକ ପରିବେଶ ଜରୁରୀ




ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୧୩।୨**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ସେବା ନିବୃତ୍ତ ଶିକ୍ଷକ, କର୍ମଚାରୀ ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷ ବିନ୍ଧୁମିତ୍ର ବଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ଦୁର୍ଯ୍ୟୋଧନ ପରିଡ଼ା, ଡା. ସେକ୍ ସମୁସୁର, ଡା. ନାରାୟଣ ନାଥ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, କୌଣସି ଏକ କାର୍ଯ୍ୟ ଅଥବା ବସ୍ତୁ ଆବଶ୍ୟକତା ଅନୁଯାୟୀ ନିର୍ମାଣ ହୋଇଥାଏ। ତେବେ ଏହାର ବ୍ୟବହାର ଜନ ସମାଜ ପାଇଁ ହିତକର ହେବା ଆବଶ୍ୟକ। ଶିକ୍ଷାନୁଷ୍ଠାନରେ ଏହି ଶିକ୍ଷା ସହଜରେ ଉପଲବ୍ଧ ହୋଇଥାଏ। ଶିକ୍ଷାନୁଷ୍ଠାନର ପରିବେଶ ଏହିଭଳି ଭଲ ମଣିଷ ସମାଜକୁ ଦେଇଥାଏ ବୋଲି ମତ ଦେଇଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ାର ୬୦ ବର୍ଷର ସୁନାମ ସମ୍ପର୍କରେ ଅତିଥିମାନେ ପ୍ରକାଶ କରିଥିଲେ। ସମାରୋହକୁ ଅଧ୍ୟାପିକା ପୂର୍ବାଶା ପ୍ରିୟଦର୍ଶନୀ, ଅଧ୍ୟାପିକା ପ୍ରଭାମୟୀ ସାମନ୍ତରାୟ, ଅଧ୍ୟାପକ ରଣଜିତ କୁମାର ଦାସ ଓ ମହାବିଦ୍ୟାଳୟ କର୍ମଚାରୀ, ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

# ସମବାୟ ସମିତି କାର୍ଯ୍ୟାଳୟ ପାଇଁ ଜମି ଦେବା ଦାବିରେ ଅନଶନ ଧମକ

**ପଟ୍ଟାମୁଣ୍ଡାଇ,୧୪।୨(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ପ୍ରାଥମିକ କୃଷି ସମବାୟ ସମିତିର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ଗତ ୫ ବର୍ଷ ହେଲା ସରକାରୀ ଜମି ଯୋଗାଇ ଦେବାକୁ ଦାବି ହୋଇଆସୁଛି। ସମବାୟ ସମିତି ଭଡା ଘରେ ଚାଲିଥିବାରୁ ଅନେକ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସ୍ଥାୟୀ କାର୍ଯ୍ୟାଳୟ ନ ଥିବାରୁ ୨୦୧୫ ମେ ୫ ତାରିଖରେ ସମବାୟ ସମିତି ପକ୍ଷରୁ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ସରକାରୀ ଜମି ଯୋଗାଇ ଦେବାକୁ ଆବେଦନ କରାଯାଇଥିଲା। ଜିଲାପାଳଙ୍କ ଚିଠି ନମ୍ବର ୧୨୨୪/୧୫ରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ସରକାରୀ ଜମି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ କେନ୍ଦ୍ରାପଡା ସହକାରୀ ନିବନ୍ଧକ, ସମବାୟ ସମିତିଙ୍କ ଚିଠି ନମ୍ବର ୧୬୪୪/୨୦୧୫ରେ ସରକାରୀ ଜମି ଯୋଗାଇ ଦେବାକୁ ତହସିଲଦାରଙ୍କୁ ନିବେଦନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ତହସିଲ ସଦର ରାଜସ୍ୱ ନିରୀକ୍ଷକ ଜମି ଅନୁଧ୍ୟାନ କରି ୨୦୧୬ ଜାନୁୟାରୀ ୨ ତାରିଖରେ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଇତି ମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ତହସିଲଦାରଙ୍କ ନିକଟରେ ପଡି ରହିଥିବା ପଟ୍ଟାମୁଣ୍ଡାଇ ମୌଜାର ସମବାୟ ସମିତି ଆବେଦନ ଲିଜ୍‌କେଶ୍ (ନମ୍ବର ୨/୨୦୧୬) ଏପର୍ଯ୍ୟନ୍ତ ପଡି ରହିଛି। ସମବାୟ ସମିତିର କର୍ମକର୍ତ୍ତା ଓ ସଦସ୍ୟମାନେ ବାରମ୍ବାର ଦୌଡି ନିରାଶ ହୋଇ ପଡିଲେଣି। ଏହି ଲିଜ୍ କେଶ୍ ର ତୁରନ୍ତ ଫଇସଲା କରା ନ ଗଲେ ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୧୦ଟାବେଳେ ପଟ୍ଟାମୁଣ୍ଡାଇ ତହସିଲ ଅଫିସ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ସମବାୟ ସମିତି ପରିଚାଳନା ପରିଷଦର କର୍ମକର୍ତ୍ତା ବ୍ରଜବନ୍ଧୁ ଦାଶ, ରମେଶ ଚନ୍ଦ୍ର ବିଶ୍ୱାଳ, ଭାରତୀ ଦାଶ, ପ୍ରଫୁଲ୍ଲ ବିହାରୀ ଓ ରମାକାନ୍ତ ନାୟକଙ୍କ ସମେତ ସଦସ୍ୟମାନେ ଚେତାଇ ଦେଇଛନ୍ତି।

# ଯଅଁରାକୁ ହରାଇ ଆଶ୍ରମ ବାଲିକୁଦା ଚାମ୍ପିୟନ

**ମାର୍ଶାଘାଇ ୧୩।୨ (ଡ଼ି.ଏନ୍.ଏ.)**

ମାର୍ଶାଘାଇ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ୧୧ତମ ବିସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମହାକାଳପଡ଼ା ଯଅଁରା ଟିମ୍‌କୁ ୧୦ ରନରେ ହରାଇ ଆଶ୍ରମ ବାଲିକୁଦାର ଅନନ୍ତ ମହାବୀର ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଆଶ୍ରମ ବାଲିକୁଦା ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ୍ କରିଥିଲା। ଜବାବରେ ଯଅଁରା ଟିମ୍ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୦୭ ରନ କରିପାରିଥିଲା। ଅଦ୍ୱୈତ୍ୟ ପ୍ରସାଦ କର ଏବଂ କେଶବ ରଥ ଅମ୍ପାୟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମାର୍ଶାଘାଇ ସମିତି ସଭ୍ୟ ନିଗମ ପ୍ରସାଦ ରଥ ଏବଂ ଆଇନଜୀବୀ ବିଚିତ୍ରାନନ୍ଦ ବେହେରା ଅତିଥି ଭାବେ ଯୋଗ ଦେଇ ନଗଦ ପୁରସ୍କାର ରାଶି ଏବଂ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ବିସିସି କ୍ରିକେଟ କ୍ଲବର ଚିତ୍ତରଞ୍ଜନ ବେହେରା, ପାର୍ଥସାରଥି ବେହେରା, ରାମଚନ୍ଦ୍ର ବେହେରା, ଆଶିଷ କୁମାର ଖଟୁଆ, ସନ୍ତୋଷ ବେହେରା, ରାଜୁ ସିଂ, ମିଟୁ ବେହେରା, ବିଶାଳ ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# କୁଷ୍ଠ ପ୍ରତିରୋଧ ଦିବସ ପାଳିତ

**କେନ୍ଦ୍ରାପଡା ଅଫିସ, ୧୩।୨**

ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସହରର ଟାଉନ ହଲ୍‌ଠାରେ କୁଷ୍ଠ ପ୍ରତିରୋଧ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ କୁଷ୍ଠ ରୋଗ ମୁକ୍ତ ୩୦ ପରିବାରକୁ ଥଇଥାନ କିଟ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦାଶରଥି ଶତପଥୀ ଯୋଗ ଦେଇଥିଲେ। ଜିଲାପାଳ ଶତପଥୀ କୁଷ୍ଠ ରୋଗକୁ ସମ୍ପୂର୍ଣ୍ଣ ନିରାକରଣ କରିହେଉଥିବା ପ୍ରକାଶ କରିଥିବା ବେଳେ ଏଥିପାଇଁ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡା. ମିର୍ଜା ବାବର ବେଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ଡା. ପ୍ରଦୀପ କୁମାର ଦାସ ଜିଲାର କୁଷ୍ଠ ରୋଗୀଙ୍କ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଏହାର ନିରାକରଣ ଉପାୟ ଜଣାଇଥିଲେ। ଏହାକୁ ବିଭାଗୀୟ କର୍ମଚାରୀମାନେ ପରିଚାଳନା କରିଥିଲେ।




କର୍ମଶାଳାରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟମାନେ।

# କେନ୍ଦ୍ରାପଡାବାସୀଙ୍କ ସ୍ୱାର୍ଥରେ ଆସୁନି ୫ନଂ. (କ) ଜାତୀୟ ରାଜପଥ

**ମାର୍ଶାଘାଇ,୧୩।୨(ଡି.ଏନ.ଏ.)**

ଶିଳ୍ପବିହୀନ କେନ୍ଦ୍ରାପଡା ଜିଲାର ବିକାଶରେ ୫ ନଂ (କ) ଜାତୀୟ ରାଜପଥ କୌଣସି କାମରେ ଆସୁନାହିଁ। ଅପରପକ୍ଷରେ ଏହି ଜିଲା ଦେଇ ଯାଇଥିବା ଉକ୍ତ ରାଜପଥରେ ଶତାଧିକ ଭାରୀଯାନ ଚଳାଚଳ କରିବା ଫଳରେ ଜିଲାବାସୀ ପ୍ରଦୂଷଣର ଶିକାର ହେବା ସାଙ୍ଗକୁ ଦୁର୍ଘଟଣା ଯୋଗୁ ଧନଜୀବନ ହାନି ହେଉଛି।

ପ୍ରକାଶ ଯେ, ଜଗତ୍‌ସିଂହପୁର ଜିଲାର ପାରାଦୀପ ବନ୍ଦରକୁ ଯୋଗାଯୋଗ କରିବା ଲାଗି କେନ୍ଦ୍ରାପଡା ଅଞ୍ଚଳ ଦେଇ ୫ ନଂ (କ) ଦୈତାରୀ-ପାରାଦୀପ ଜାତୀୟ ରାଜପଥ ନିର୍ମାଣ କରାଯାଇଥିଲା। ଏହି ରାଜପଥ ନିର୍ମାଣ ହେବା ପରେ ରାଜ୍ୟ ଓ ଦେଶର ଆର୍ଥିକ ବିକାଶ ଘଟିଥିବା ବେଳେ କେନ୍ଦ୍ରାପଡା ଜିଲାର କୌଣସି ପରିବର୍ତ୍ତନ ଘଟିନାହିଁ। କାରଣ ଯାଜପୁର ଓ ଜଗତସିଂହପୁର ଜିଲାରେ ଥିବା କଳକାରଖାନାଗୁଡିକୁ କଞ୍ଚାମାଲ ପରିବହନ ପାଇଁ ଏହା ହେଉଛି ମୁଖ୍ୟରାସ୍ତା। ଫଳରେ ଏହି ରାସ୍ତା ଦେଇ ଦୈନିକ ମାଲ ପରିବହନ ହେଉଥିବା ଭାରୀଯାନଗୁଡିକ ଚଳାଚଳ କରୁଛି। ଏଥିଯୋଗୁ କେନ୍ଦ୍ରାପଡାବାସୀ ଧୂଳି, ଧୂଆଁ ଯୋଗୁ ଅତିଷ୍ଠ ହେବା ସହ ଏହି ରାଜପଥରେ ଦୁର୍ଘଟଣା, ଚୋରି, ଡକାୟତି, ଭ୍ରଷ୍ଟାଚାର ଭଳି ବହୁ ଅସାମାଜିକ କାର୍ଯ୍ୟ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ରାସ୍ତା ଅବସ୍ଥା ମଧ୍ୟ ଶୋଚନୀୟ ହେବାରେ ଲାଗିଛି। ଏହି ରାଜପଥରୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିବା ବେଳେ କେନ୍ଦ୍ରାପଡା ଜିଲା ପୋଲିସ ପ୍ରଶାସନର ଏଥିପ୍ରତି ଆଦୌ ନିଘା ନ ଥିବା ଭଳି ମନେ ହେଉଛି। ଏହାବ୍ୟତୀତ ଦୁର୍ଘଟଣାରେ ଅନେକ ସମୟରେ ପୋଲ ବାଡ ଭାଙ୍ଗୁଛି। ପୋଲର ଉଭୟ ପାର୍ଶ୍ୱରେ ପଥଚାରୀମାନଙ୍କ ପାଇଁ ନିର୍ମିତ କଂକ୍ରିଟ ସ୍ଲାବଗୁଡିକ ଭାଙ୍ଗି ଯାଇଥିବା ବେଳେ ତାହା ମରାମତି କରା ଯାଉ ନ ଥିବାରୁ ପଥଚାରୀମାନେ ଲୁଣା ନଦୀଗର୍ଭକୁ ଗଳି ପଡି ମୃତାହତ ହେଉଥିବା ଭଳି ଘଟଣା ଘଟି ଚାଲିଛି। ଏଥିପ୍ରତି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଉଦାସୀନ ରହିବା ଜନ ଅସନ୍ତୋଷର କାରଣ ହୋଇଛି।



ଶିଳିପୁରଠାରେ ଦୁର୍ଘଟଣାରେ ଭାଙ୍ଗିଯାଇଥିବା ପୋଲର ବାଡ଼।

ପାରାଦୀପ ବନ୍ଦରକୁ ଲୁହାପଥର, ମାଙ୍ଗାନିଜ ଭଳି କଞ୍ଚାମାଲ ପରିବହନ ପାଇଁ ମୁଖ୍ୟତଃ ଦୈତାରୀ-ପାରାଦୀପ ୫ ନଂ (କ) ଜାତୀୟ ରାଜପଥ ଉପରେ ନିର୍ଭର କରିବାକୁ ପଡିଥାଏ। ଏହାବ୍ୟତୀତ ପାରାଦୀପରୁ ତାଳଚେର ଓ ସମ୍ବଲପୁର ପ୍ରଭୃତି ସ୍ଥାନକୁ କୋଇଲା ପରିବହନ ସାଙ୍ଗକୁ ପାରାଦୀପ ତୈଳ ବିଶୋଧନାଗାରକୁ ଅଶୋଧିତ ତୈଳ ଆସି ବିଶୋଧନ ପରେ ବାହାର ରାଜ୍ୟକୁ ଓଜନଦାର ଗାଡିଗୁଡିକ ଦ୍ୱାରା ପରିବହନ କରାଯାଉଛି। ଏଥିପାଇଁ ରାସ୍ତାରେ ପ୍ରତିଦିନ ବହୁ ସମସ୍ୟା ସୃଷ୍ଟି ହେଉଛି। ଏଣୁ ବର୍ତ୍ତମାନର ୪ ଲାଇନ ରାସ୍ତାକୁ ୬ ଲାଇନ କରାଯିବା ଆବଶ୍ୟକ ହୋଇପଡିଛି।

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅଞ୍ଚଳ ହଜାରୀଠାରୁ ଭୁତମୁଣ୍ଡାଇ ପର୍ଯ୍ୟନ୍ତ ଦୈର୍ଘ୍ୟ ୩୫ କି.ମି.। ଏହି ରାସ୍ତା ନିର୍ମାଣରେ ମାର୍ଶାଘାଇ ଅଞ୍ଚଳର ବହୁ ଚାଷୀ ଜମି ହରାଇଥିଲେ। ଏମାନଙ୍କର ଥଇଥାନ ପାଇଁ ସରକାରଙ୍କ ତରଫରୁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବା ଯୋଗୁ ସେମାନଙ୍କ ଜୀବନଯାପନ ଦୁର୍ବିସହ ହୋଇପଡିଛି। ଗତ ୩ ବର୍ଷ ଧରି ରେଳ ଯୋଗେ ପାରାଦୀପକୁ ଲୁହାପଥର ପରିବହନ ହେଉଥିଲା। ଏଣୁ ଉକ୍ତ ରାଜପଥରେ ଭିଡ କମିବା ସହ ଦୁର୍ଘଟଣା, ଚୋରି, ଡକାୟତି କମି ଯାଇଥିଲା। ମାତ୍ର ଏକ ସପ୍ତାହ ଧରି ଦୈତାରୀ-ପାରାଦୀପ ଜାତୀୟ ରାଜପଥରେ ପୁଣି ଲୁହାପଥର ଟ୍ରକ ଚଳାଚଳ କରିବା ଆରମ୍ଭ କଲାଣି। ଫଳରେ ଏହି ରାଜପଥର ବାମପାର୍ଶ୍ୱ ଡାଉନ ରୋଡରେ ପ୍ରାୟ ୧୫ କି.ମି. ପର୍ଯ୍ୟନ୍ତ ଟ୍ରକଗୁଡିକ ଧାଡିବାନ୍ଧି ଛିଡା ହୋଇ ରହୁଛି। ଫଳରେ ସେହିବାଟ ଦେଇ ଯିବା ପାଇଁ ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପାରାଦୀପ ବନ୍ଦରରେ ୮୦୦ ଟ୍ରକ ଅନଲୋଡ କରିବା ବ୍ୟବସ୍ଥା ଥିବା ବେଳେ ଦୈନିକ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଟ୍ରକ ଯାତାୟାତ କରୁଛି। ଟ୍ରାଫିକ ଭିଡ ଯୋଗୁ ବିଭିନ୍ନ ସମସ୍ୟା ଦେଖା ଦେଇଥିବା ବେଳେ ଦୁର୍ଘଟଣା ଘଟି କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ଏ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲାରେ କଳକାରଖାନାଟିଏ ବସାଯିବାର ପରିକଳ୍ପନା କରା ନ ଯିବା ଦୁର୍ଭାଗ୍ୟଜନକ। ଶିଳ୍ପ ପାଇଁ ଯାଜପୁର ଓ ଜଗତସିଂହପୁର ଜିଲାର ବିକାଶ ହେଉଥିବା ବେଳେ କେନ୍ଦ୍ରାପଡା ଜିଲାବାସୀଙ୍କ ଲାଗି କେବଳ ମରଣଯନ୍ତା ପାଲଟି ଥିବା କୁହାଯାଉଛି।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ କୌଶଳ ବିକାଶ ତାଲିମ ଶିବିର ଉଦ୍‌ଘାଟିତ

**ନାଉଗାଁ,୧୩।୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଛକଠାରେ ବୁଧବାର ଭେରୋନିକ ଏଡୁ ସ୍କିଲ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧକ୍ଷ ଜଟାଧାରୀ ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଅଧାପକ ତୁଷାରକାନ୍ତ ଦାସ, ଚୈତନ୍ୟ ଚରଣ ପରିଡା, ହୃଦାନନ୍ଦ ସ୍ୱାଇଁ, ଅନାଦି ଚରଣ ପଣ୍ଡା, ନାଉଗାଁ ଥାନା ଏସଆଇ ବିବେକାନନ୍ଦ ସାହୁ, ପି.କେ. ଦାସ ଉପସ୍ଥିତ ରହି ପିଲାଙ୍କୁ ବିଭିନ୍ନ ସ୍କିଲ ଉପରେ ଅବଗତ କରାଇଥିଲେ। ଶିବିରରେ ୧୮୦ ଯୁବତୀଯୁବକଙ୍କୁ ୭୦ ଦିନ ପର୍ଯ୍ୟନ୍ତ କମ୍ପ୍ୟୁଟର ତାଲିମ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଥିବା କୁହାଯାଇଛି। ଏଡୁସ୍କିଲ ଡାଇରେକ୍ଟର ଶ୍ରୀନିବାସ ଲେଙ୍କା, ସଂଯୋଜକ ରାକେଶ ବେହେରା, ସହସଂଯୋଜକ ଦିଲୀପ ପଣ୍ଡା, ଶୁଭରାଜ ମିଶ୍ର, ବିଜୟା ନନ୍ଦ ପାତ୍ର, ସୁପ୍ରଭା ସାହୁ, ଶିଖା ମହାନ୍ତି ଓ ଇତିଶ୍ରୀ ମହାନ୍ତି ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଦକ୍ଷତା ଭିତିରେ ଏହି ବ୍ଲକକୁ ଯେପରି ଅଗ୍ରଣୀ କରାଯିବ ସେଥିପାଇଁ ସମସ୍ତେ ସହଯୋଗ କରିବାକୁ ଅତିଥି ମତବ୍ୟକ୍ତ କରିଥିଲେ।

### ତାରିଣୀ ପୀଠରେ ବାର୍ଷିକ ଯଜ୍ଞ

**ବାଲିଆ,୧୩।୨:** ବିରିଡି ବ୍ଲକ ପାଇକରା ବାଟିସ୍ଥିତ ମା' ତାରିଣୀ ପୀଠରେ ୫ ଦିନ ବ୍ୟାପୀ ବାର୍ଷିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିସହ ନୂତନ ମନ୍ଦିର ପ୍ରତିଷ୍ଠା, ଲକ୍ଷ୍ମୀ ନାରାୟଣ ବିଗ୍ରହ, ଦଶ ଅବତାର ବିଗ୍ରହ, ମନ୍ଦିରର ପାର୍ଶ୍ୱ ଦେବଦେବୀ, ରୁଦ୍ରେଶ୍ୱର ମହାଦେବଙ୍କ ଶକ୍ତି, ଲିଙ୍ଗ ଓ ହନୁମାନଙ୍କ ବିଗ୍ରହକୁ ସ୍ଥାପନ କରାଯାଇଥିଲା। ହୋମଯଜ୍ଞରେ ରୂପ ନାରାୟଣ ଦାସ, ପୁରୋଧା ଅକ୍ଷୟ ହୋତା, ଶ୍ରଷ୍ଟା ରବୀନ୍ଦ୍ରନାଥ ଦାଶ, ଦେବେନ୍ଦ୍ର ଦାସ ଓ ସହଯୋଗୀ ପୂଜକମାନେ ଆହୁତି ପ୍ରଦାନ କରିଥିଲେ। କର୍ତ୍ତାଭାବେ ଦୁଃଖୀଶ୍ୟାମ ମହାନ୍ତି, ପ୍ରଶନ୍ନ ମହାନ୍ତି, ରବୀନ୍ଦ୍ର ରାଉତ ଦାୟିତ୍ୱ ତୁଲାଇଥିଲେ। ପୂର୍ଣ୍ଣାହୁତିରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଦାସ ଯୋଗଦେଇ ବିଭୁକୃପା ଲାଭ କରିବା ସହିତ ଗ୍ରାମବାସୀଙ୍କ ସହ ମନ୍ଦିରର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ବିରିଡି ବ୍ଲକ ଚେୟାରମ୍ୟାନ ପଦ୍ମନାଭ ଭୋଇ, କଂଗ୍ରେସ ନେତା ଲିଙ୍ଗରାଜ ମଲ୍ଲ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡି ନେତା ଯୁଧିଷ୍ଠିର ସେଠୀ ମଧ ଯୋଗ ଦେଇଥିଲେ। ଅଢଙ୍ଗ ନୀଳକଣ୍ଠେଶ୍ୱର, ଧାନକୁଦ ଜଗନ୍ନାଥ ମନ୍ଦିର, ଅଷ୍ଟଶମ୍ଭୁ, ରୁଦ୍ରେଶ୍ୱର, ଲୋକନାଥ ଓ ବେଲେଶ୍ୱରଙ୍କ ପୀଠର ପ୍ରତିନିଧିମାନେ ସାମିଲ ହୋଇଥିଲେ।

### ନାଉଗାଁ ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

**ନାଉଗାଁ,୧୩।୨(ସ୍ୱ.ପ୍ର.):** ନାଉଗାଁ ବ୍ଲକରେ ବୁଧବାର ନୂତନ ବିଡିଓଭାବେ ରଶ୍ମିରେଖା ମଲିକ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଜଗତ୍‌ସିଂହପୁର ଜିଲାର ଅତିରିକ୍ତ ଜିଲାପାଳଭାବେ କାର୍ଯ୍ୟ କରୁଥିଲେ। ଦୀର୍ଘ ଦିନ ହେବ ଏହି ବ୍ଲକରେ ସ୍ଥାୟୀ ବିଡିଓ ନ ଥିଲେ। ୨୦୧୮ ମାର୍ଚ୍ଚ ୩୧ରେ ବିଡିଓ ରାଜୀବ ଲୋଚନ ସିଂ ପଦୋନ୍ନତି ପାଇ ଯିବାପରେ ଏରସମା ବ୍ଲକ ଏବିଡିଓ ବିଜୟ କେତନ ଚୌଧୁରୀ ଦାୟିତ୍ୱ ଗ୍ରହଣ କରିଥିଲେ। ଅକ୍ଟୋବର ୨୦୧୮ରେ ବିଜୟ କେତନ ଚୌଧୁରୀଙ୍କ ପରେ ତହସିଲଦାର ଜେ.କଳ୍ପନା ବିଡିଓ ଓ ତହସିଲଦାର ଉଭୟ ଦାୟିତ୍ୱରେ ଥିଲେ। ଫଳରେ ବ୍ଲକକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଥିଲା। ନୂତନ ବିଡିଓ ଯୋଗଦେବା ପରେ ତହସିଲଦାର ଜେ.କଳ୍ପନା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

### 'ସାରଳା ଦାସ ଥିଲେ ଓଡ଼ିଆ ସାହିତ୍ୟର ବ୍ୟାସ'

**ତିର୍ତ୍ତୋଲ,୧୩।୨(ଡି.ଏନ.ଏ.):** ଶୁଦ୍ରମୁନୀ ସାରଳା ଦାସଙ୍କ ଶ୍ରାଦ୍ଧଦିବସ ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାସ୍ଥିତ ତାଙ୍କ ସମାଧିପୀଠରେ ପାଳିତ ହୋଇଯାଇଛି। ସଭାରେ ସାରଳା ସାହିତ୍ୟ ସଂସଦ ସଭାପତି ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରାଜ୍ୟ ଅର୍ଥ ନିଗମ ଅଧକ୍ଷ ରବିନାରାୟଣ ସେନାପତି ଯୋଗଦେଇ ଶାରଳା ଦାସ ଓଡ଼ିଆ ସାହିତ୍ୟର ବ୍ୟାସ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଡ. ସୁନାମଣି ରାଉତ, ଗାୟିକା ତୃପ୍ତୀ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆଦିକବି ସାରଳା ଦାସ ସାଂସ୍କୃତିକ ପରିଷଦ ସମ୍ପାଦକ ଚିତ୍ତରଞ୍ଜନ ପରିଜା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣର ପ୍ରଭାବ

# ଏମ୍‌ଏମ୍‌ଟିସି କାରବାର ଶୂନ

**ପାରାଦୀପ,୧୩।୨(ସ୍ୱ.ପ୍ର.)**



ପାରାଦୀପରେ ଥିବା ଏମ୍‌ଏମ୍‌ଟିସି କାର୍ଯ୍ୟାଳୟ।

■୮୦ କର୍ମଚାରୀ ସ୍ଥାନରେ ଏବେ ୮

■୩୦ ଲକ୍ଷ ଟଙ୍କାର ଜାଗା ବେକାର

ଉଦାରୀକରଣ, ଘରୋଇକରଣ ଓ ଜଗତିକରଣ ପ୍ରଭାବ କେତେ ନକରାତ୍ମକ ହୁଏ ଏବେ ତାହା ଦେଖିବାକୁ ମିଳିଲାଣି। ପୁଞ୍ଜିପତିଙ୍କୁ ସହଯୋଗ କରିବା ପାଇଁ କେନ୍ଦ୍ର ସରକାର ଯେତେସବୁ ଯୋଜନା କରୁଛନ୍ତି ତା'ର ପ୍ରଭାବ ସରକାରୀ ଉଦ୍ୟୋଗ ଉପରେ ପଡୁଛି। ଯାହାର ଉଦାହରଣ ହେଲା ପାରାଦୀପ ଏମ୍‌ଏମ୍‌ଟିସି (ମେଟାଲସ୍ ଆଣ୍ଡ ମିନେରାଲସ ଟ୍ରେଡିଂ କର୍ପୋରେଶନ) ଲିମିଟେଡ। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଏହି ଏମ୍‌ଏମ୍‌ଟିସି ୨୦୦୦ରୁ ୨୦୦୧ ପର୍ଯ୍ୟନ୍ତ ଦେଶରେ ଥିବା ୧୨ ବୃହତ ବନ୍ଦର ମଧ୍ୟରେ ସର୍ବାଧିକ ପଣ୍ୟ କାରବାର କରିଥିଲା। ଏହି କ୍ରମରେ ପାରାଦୀପ ବନ୍ଦରରେ କେବଳ ଏକ ତୃତୀୟାଂଶ ପଣ୍ୟ କାରବାର କରିଥିଲା। ଅର୍ଥାତ୍ ସେତେବେଳେ ପାରାଦୀପ ବନ୍ଦରର ୪୬ ମିଲିୟନ୍ ମେଟ୍ରିକ୍ ଟନ୍ କରବାରରୁ ଏମ୍‌ଏମ୍‌ଟିସିର ଥିଲା ୩୨ ମିଲିୟନ୍ ମେଟ୍ରିକ୍ ଟନ୍। ୨୦୦୨ ପରେ ଧୀରେଧୀରେ ଉକ୍ତ ପଣ୍ୟ ଘରୋଇ ସଂସ୍ଥାକୁ କାରବାର କରିବା ପାଇଁ ସରକାର ସୁଯୋଗ ଦେଇଥିଲେ। ଏହାପରେ ଏବେ ୫୦ରୁ ଉର୍ଦ୍ଧ୍ୱ ମାଇନ୍ସ ଟ୍ରେଡର ପାରାଦୀପରେ ବ୍ୟବସାୟ କଲେଣି। ଏମଏମଟିସିର ମୁଖ୍ୟ ପଣ୍ୟ ଲୁହାପଥର ଏବେ ଖଣିମାଲିକ ଓ ଟ୍ରେଡର ସଂସ୍ଥା ପାଖକୁ ଚାଲିଯାଇଛି। ଯାହାର ପ୍ରଭାବ ଏମ୍‌ଏମ୍‌ଟିସି ଉପରେ ଗଭୀରଭାବେ ପଡିଛି। ୨୦୧୭/୧୮ ଆର୍ଥିକ ବର୍ଷରେ ଏମ୍‌ଏମ୍‌ଟିସିର ଲୁହାପଥର କାରବାର ଶୂନରେ ପହଞ୍ଚିଛି ବୋଲି ପାରାଦୀପ ଶାଖାର ପ୍ରବନ୍ଧକ ଶ୍ରୀନିବାସ ପ୍ରଧାନ କହିଛନ୍ତି। ଏବେ କେବଳ ଏମ୍‌ଏମ୍‌ଟିସିର ନିଜସ୍ୱ ପ୍ଲାଣ୍ଟ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍(ଏନ୍‌ଆଇଏନ୍‌ଏଲ୍) ବର୍ଷକୁ ୭ରୁ୧୦ଟି ଜାହାଜ ପାଇଁ କୋଇଲା ଆମଦାନୀ କରୁଛି।

ସୂଚନାଯୋଗ୍ୟ, ୧୯୬୬ରେ ପାରାଦୀପ ବନ୍ଦରକୁ କେନ୍ଦ୍ର ସରକାର ନେବାସହ ବୃହତ ବନ୍ଦର ଘୋଷଣା କରିଥିଲେ। ସେବେଠାରୁ ଏମ୍‌ଏମ୍‌ଟିସି ପ୍ରଥମ ଆମଦାନୀ–ରପ୍ତାନୀକାରୀ ସଂସ୍ଥାଭାବେ ପାରାଦୀପରେ ଅଛି। ଉକ୍ତ ସଂସ୍ଥାର ଅଫିସ ଓ ସାଇଟ୍ ଅଫିସରେ ସେତେବେଳେ ୮୦ ସ୍ଥାୟୀ କର୍ମଚାରୀ ଥିଲେ। ଏବେ ୮ଜଣ ଅଛନ୍ତି। ଏପରି କି ପାରାଦୀପର ମଧୁବନ ଜଗନ୍ନାଥ ମନ୍ଦିର ପାଖରେ ଏମ୍‌ଏମ୍‌ଟିସିର ନିଜସ୍ୱ କଲୋନୀ ଅଛି। ଯେଉଁଥିରେ ୪୮ଟି ଘର ଅଛି। ଏଥିସହ ବ୍ୟାଙ୍କ ଲେନ୍‌ରେ ସହଯୋଗ ବିଲ୍ଡିଂରେ ଅଫିସ ଚାଲିଥିଲା। ଡେସ୍କ ଅଫିସ ଓ କ୍ୱାର୍ଟର ପାଇଁ ପୌର ପରିଷଦ ସଂଲଗ୍ନରେ ୧ ଏକର ଜାଗା ଲିଜ୍ ସୂତ୍ରରେ ବନ୍ଦର ପ୍ରଶାସନ ଠାରୁ ନେଇଥିଲା। ସେଠାରେ ବାଲି ଭରଣା କରିବା, ପାଚେରି ବୁଲାଇବା କାମରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ୧୦ବର୍ଷ କାଳ ସେହି ଜମିରେ କୌଣସି ପ୍ରକଳ୍ପ ନ ହେବାରୁ ତାହାକୁ ବନ୍ଦର ପ୍ରଶାସନ ନିଜ ଅକ୍ତିଆରକୁ ନେବାସହ ସେଠାରେ ଏକ ଟ୍ରେଡ୍ ସେଣ୍ଟର କରିଛନ୍ତି। ଅଫିସ ଘର ସହଯୋଗ ବିଲ୍ଡିଂରୁ ଯାଇ ଏବେ କଲୋନୀରେ ଚାଲିଛି। ନିଜର ୪୮ କ୍ୱାର୍ଟରରେ ରହିବା ପାଇଁ ଲୋକ ନାହାନ୍ତି। ସମ୍ପୃକ୍ତ କ୍ୱାର୍ଟରରେ ଏବେ ଅନ୍ୟ ସହଯୋଗୀ ସଂସ୍ଥାର କର୍ମଚାରୀ ରହୁଛନ୍ତି। ସମାନ ଅବସ୍ଥା ରହିଛି ଏହି ସଂସ୍ଥାର ଯାଜପୁର ଜିଲାର ଡୁବୁରୀ ଶାଖାରେ। ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ମଧ କର୍ମଚାରୀ କମିଗଲେଣି। ଗୁରୁତ୍ୱପୂର୍ଣ୍ଣ କଥାହେଲା, ଯେ ପର୍ଯ୍ୟନ୍ତ ଏମ୍‌ଏମ୍‌ଟିସି ଅଧୀନରେ ଲୁହାପଥର କାରବାର ହେଉଥିଲା ସେ ପର୍ଯ୍ୟନ୍ତ ଖଣି ଦୁର୍ନୀତିର ଗନ୍ଧ ନ ଥିଲା। ୧୯୯୧ ଜୁନ୍ ୨୪ରେ ଉଦାରୀକରଣ ନୀତି ଲାଗୁ ହେବା ପରଠାରୁ ଘରୋଇ ସଂସ୍ଥା ଏହି ଲୁହାପଥର କାରବାର ବା ଖଣି ବେପାରରେ ସାମିଲ ହେଲେ। ଘରୋଇ ସଂସ୍ଥା ହାତକୁ ଖଣି ଯିବା ପରେ ଦୁର୍ନୀତି ପରିମାଣ ରାଜ୍ୟରେ ସର୍ବାଧିକ ଚର୍ଚ୍ଚିତ ଖବର ହୋଇଛି। କେନ୍ଦ୍ର ସରକାର ଘରୋଇକରଣ କରିବା ପରେ ଦୁର୍ନୀତି ଅଧିକ ହୋଇଛି। ନିଯୁକ୍ତି କମିଛି ଓ ଶ୍ରମିକ କାମ ହରାଇଛନ୍ତି ବୋଲି ପୋର୍ଟ ଶ୍ରମିକ ସଂଘ ସଭାପତି ରାମଶଙ୍କର କହିଛନ୍ତି। ତେଣୁ ସରକାର ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହୋଇଛି।

ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ ଘଟଣା

# କୋର୍ଟଙ୍କ ନିର୍ଦ୍ଦେଶରେ ରୁଜୁ ହେଲା ହତ୍ୟା ମାମଲା

**ତିର୍ତ୍ତୋଲ,୧୩।୨(ଡି.ଏନ.ଏ.)**

■ମହିଳାଙ୍କ ଭାଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ

■ସହଯୋଗ କରି ନ ଥିଲା ତିର୍ତ୍ତୋଲ ପୋଲିସ

ତିର୍ତ୍ତୋଲ ଥାନା ଅଧୀନ କଟରା ପଞ୍ଚାୟତ ଦୁର୍ଦ୍ଧା ଗ୍ରାମର ଧୀରେନ୍ଦ୍ର ଜେନାଙ୍କ ସ୍ତ୍ରୀ ରଶ୍ମିତା (୨୯)ଙ୍କ ମୃତ୍ୟୁ ଘଟଣା ଭିନ୍ନମୋଡ଼ ନେଇଛି। ପୋଡ଼ିହୋଇ ରଶ୍ମିତାଙ୍କ ମୃତ୍ୟୁ ଘଟିଥିଲାବେଳେ ତାଙ୍କ ଭାଇ ଥାନାକୁ ହତ୍ୟା ଅଭିଯୋଗ କରିବାକୁ ଯାଇଥିଲେ। ହେଲେ କଟକ ବାଦାମବାଡ଼ି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିବାରୁ ତିର୍ତ୍ତୋଲ ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିଲା। ଫଳରେ ନିରାଶ ହୋଇ ରଶ୍ମିତାଙ୍କ ଭାଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଥାନାରେ ହତ୍ୟା ମାମଲା ରୁଜୁହୋଇଛି। ଏହାପରେ ପୋଲିସ ଅଭିଯୁକ୍ତଙ୍କ ମଧ୍ୟରୁ ମଙ୍ଗଳବାର ୨ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଛି।

ସୂଚନାଯୋଗ୍ୟ, ରଶ୍ମିତାଙ୍କ ନିଆଁରେ ପୋଡି ହୋଇ ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ଡାକ୍ତରଖାନାରେ ଗତ ଡିସେମ୍ବର ୧୬ରେ ମୃତ୍ୟୁ ହୋଇଥିଲା। ଏହାପରେ ରଶ୍ମିତାଙ୍କ ଭାଇ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗରାମ ପଞ୍ଚାୟତ ରାସବେରୁଆଁ ଶାସନ ଗ୍ରାମର ବିକ୍ରମ ସାମଲ ତିର୍ତ୍ତୋଲ ପୋଲିସରେ ଅଭିଯୋଗ କରିବାକୁ ଯାଇଥିଲେ। ପୋଲିସ ମାମଲାରେ ସହାୟତା ନ କରିବାରୁ ସେ ବାଧହୋଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଜଗତ୍‌ସିଂହପୁର ଏସ୍‌ଡିଜେଏମଙ୍କ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏଥିରେ ତାଙ୍କ ଭଉଣୀ ରଶ୍ମିତାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେବାସହ ପୋଡ଼ି ମାରି ଦେଇଥିବା ଦର୍ଶାଇଥିଲେ। ତାଙ୍କ ଭଉଣୀ ୨୦୦୯ ମାର୍ଚ୍ଚ ୪ରେ ବୈଦିକ ରିତିରେ ଧୀରେନ୍ଦ୍ରଙ୍କୁ ବିବାହ କରିଥିଲେ। ବିବାହବେଳେ ଯୌତୁକ ବାବଦକୁ ୬୦ ହଜାର ଟଙ୍କା ସହ ଅନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ତେବେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କ ଭଉଣୀଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। କୋର୍ଟ ଏହି ମାମଲା ସମ୍ପର୍କରେ ଅବଗତ ହେବାପରେ ତିର୍ତ୍ତୋଲ ଥାନାକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଥାନା ପୋଲିସ ୪୨/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଇଆଇସି ପ୍ରଶାନ୍ତ ମାଝି କହିଛନ୍ତି, ଏସଡିଜେଏମଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ ହୋଇଛି। ରଶ୍ମିତା ମୃତ୍ୟୁବରଣ କରିଥିବା ପ୍ରାଇମ ହସ୍ପିଟାଲର ତଥ୍ୟ, ବାଦାମବାଡି ଥାନାରେ ହୋଇଥିବା ଅପମୃତ୍ୟୁ ମାମଲା ଏବଂ ପୋଷ୍ଟ ମର୍ଟମ ରିପୋର୍ଟ ଆଧାରରେ ତଦନ୍ତ କରାଯାଉଛି। ତଦନ୍ତପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କେନ୍ଦ୍ରାପଡ଼ା କୃଷକ ସମାବେଶ ପାଇଁ ବିଜେଡିର ପ୍ରସ୍ତୁତି



କେନ୍ଦ୍ରାପଡ଼ା କୃଷକ ସମାବେଶରେ ଯୋଗଦେବା ପାଇଁ ବିଜେଡି କର୍ମୀ ଆଲୋଚନା କରୁଛନ୍ତି।

**ବିରିଡି,୧୩।୨(ଡି.ଏନ.ଏ)**

ଆସନ୍ତା ୧୫ ତାରିଖ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲାରେ ବିଜେଡିର ଏକ କୃଷକ ସମାବେଶ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ସମାବେଶରେ ବିଭିନ୍ନ ଜିଲାର ନେତା ଓ କର୍ମୀ ଯୋଗଦେବେ। ଏହି ଅବସରରେ ବିରିଡ଼ି ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ବାଲିଆଷ୍ଟୋରଠାରେ ଜଗତ୍‌ସିଂହପୁର ଜିଲା ବିଜେଡି ଉପସଭାପତି ରବିନାରାୟଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତର କୃଷକ ନେତା, ଜନପ୍ରତିନିଧି, କର୍ମୀ, ମହିଳାକର୍ମୀ ବହୁ ସଂଖ୍ୟାରେ କୃଷକ ସମାବେଶରେ ଯୋଗଦାନ କରିବା ପାଇଁ କୁହାଯାଇଛି। ଜିଲାପରିଷଦ ସଭ୍ୟା ଲତା ଦାସ, ସଭ୍ୟ ପ୍ରତାପ ଚନ୍ଦ୍ର ବେହେରା, ନୃସିଂହ ଦାଶ, ନେତ୍ରାନନ୍ଦ ପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ପ୍ରଦୀପ୍ତ ଭୂୟାଁ, ଫକୀର ଚରଣ ସାହୁ, ସୁନାକର ବେହେରା ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ।

## ଗଣପତି ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

**ପାରାଦୀପ,୧୩।୨(ସ୍ୱ.ପ୍ର.)**

ପାରାଦୀପ ୫ନଂ ୱାର୍ଡର ବାଲିଝରି ବସ୍ତିରେ ଥିବା ଗଣପତି ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଇଫ୍‌କୋ ସଭାନେତ୍ରୀ ବିଥିରାଣୀ ପଣ୍ଡା, ଶିକ୍ଷାନୁଷ୍ଠାନ ସମ୍ପାଦକ ବୀରଭଦ୍ର ଜେନା ପ୍ରମୁଖ ଯୋଗଦେଇ ଶିଶୁଙ୍କ ବିକାଶରେ ମା'ଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଂଘମିତ୍ରା ସାହୁ, ପୁଷ୍ପାଞ୍ଜଳି ସ୍ୱାଇଁ ଓ ଗାୟତ୍ରୀ ରାଉତ ପ୍ରମୁଖ ସଞ୍ଚାଳନ କରିଥିଲେ।



ମାତୃ ସମ୍ମିଳନୀରେ ମା ଓ ଶିଶୁମାନେ।





ଓଡ଼ିଶା ଲୋକସେବା ଅଧିକାର ଆଇନ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଓଡ଼ିଶା ଲୋକସେବା ଅଧିକାର ଆଇନ ସଚେତନତା

**ରଘୁନାଥପୁର, ୧୩।୨( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଡୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଓଡ଼ିଶା ଲୋକସେବା ଅଧିକାର ଆଇନ ୨୦୧୨ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ମତ ରଖିଥିଲେ। ଓଡ଼ିଶା ଲୋକସେବା ଅଧିକାର ଆଇନ ରାଜ୍ୟବାସୀଙ୍କୁ ଉତ୍ତମ ସେବା ଦେବାରେ ଏକ ବଳିଷ୍ଠ ପଦକ୍ଷେପ। ଯାହାଦ୍ୱାରା ସାଧାରଣ ଜନତା ଉପଯୁକ୍ତ ସରକାରୀ ସେବା ପାଇବା ସହ ସରକାରୀ କଳକୁ ସଜାଗ ଓ ସରକାରୀ କର୍ତ୍ତୃପକ୍ଷଙ୍କୁ କର୍ତ୍ତବ୍ୟ ନିଷ୍ଠ ହେବାକୁ ଉଦ୍ଦିଷ୍ଟ। ସମାଜର ଯେଉଁ ବର୍ଗର ଲୋକେ ଅଦ୍ୟାବଧି ନିଜର ସ୍ୱାଧିକାର ପାଇବାକୁ ଅକ୍ଷମ ବା ବିଫଳ ହୋଇଛନ୍ତି, ସେମାନଙ୍କୁ ସ୍ୱାଧିକାର ପ୍ରଦାନ ଦିଗରେ ଏହି ଆଇନ ସକ୍ଷମ ହେବ ବୋଲି ଅତିରିକ୍ତ ତହସିଲଦାର ତ୍ରିପାଠୀ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ରିସର୍ଚ୍ଚ ପର୍ସନ ଭାବେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମଲ୍ଲ ଅନ୍ୟତମ ଅତିଥି ଭାବେ ଏହି ଆଇନ ଅନ୍ତର୍ଗତ ସ୍ୱାସ୍ଥ୍ୟ ସହାୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପିକା ଡ. ବିରସ କୁମାରୀ ନାୟକ ଶିକ୍ଷା ଅଧିକାର ଆଇନ, ଅଧାପକ ପ୍ରତାପ କୁମାର ଲେଙ୍କା ସୂଚନା ଅଧିକାର ଆଇନ ଓ ଅଧାପକ ପ୍ରସନ୍ନ କୁମାର ତ୍ରିପାଠୀ ସାମାଜିକ ମଙ୍ଗଳ ଓ ଗ୍ରାମ୍ୟ ବିକାଶ ଯୋଜନା ସମ୍ପର୍କରେ ମତ ରଖିଥିଲେ। ଆଇନ ସମ୍ପର୍କରେ ଅବଗତ ହୋଇ ଏହାର ସହାୟତା ନେଇ ପାରିଲେ ଅମଲାତନ୍ତ୍ରର ନାଲିଫିତା ଏବଂ ଦୁର୍ନୀତିକୁ ହ୍ରାସ କରିବାରେ ଏହା ସକ୍ଷମ ହୋଇପାରିବ ବୋଲି ଜନୈକା ଛାତ୍ରୀ କହିଥିଲେ। ଶେଷରେ ଡ. ଯାଜ୍ଞସେନୀ ରାଉତ ଧନ୍ୟବାଦ ଦେଇଥିଲେ।

# ଅବାଧ, ନିରପେକ୍ଷ ନିର୍ବାଚନ ଉପରେ ଆଲୋଚନା

**ତିର୍ତ୍ତୋଲ,୧୩।୨(ଡି.ଏନ.ଏ.)**

ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ତିର୍ତ୍ତୋଲ ପୋଲିସର ସବଡିଭିଜନସ୍ତରୀୟ ଏକ ବୈଠକ ବୁଧବାର ତିର୍ତ୍ତୋଲ ଥାନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ସହ ଆଚରଣବିଧି ପାଳନ ଉପରେ ଆଲୋଚନା ହୋଇଥିଲା। ତିର୍ତ୍ତୋଲ ପୋଲିସ ସବ୍‌ଡିଭିଜନ ଅଧୀନ କୁଜଙ୍ଗ, ଏରସମା, ରଘୁନାଥପୁର, ତିର୍ତ୍ତୋଲ ଥାନାର ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର, ଆଡିଶନାଲ ଏସପି ବିଶ୍ୱନାଥ ମିଶ୍ର, ତିର୍ତ୍ତୋଲ ଏସଡିପିଓ ଶିବ ପ୍ରସାଦ ମଲ୍ଲିକ, ତିର୍ତ୍ତୋଲ ଥାନା ଆଇଆଇସି ପ୍ରଶାନ୍ତ ମାଝୀ, କୁଜଙ୍ଗ ଥାନା ଆଇଆଇସି ଦିଲୀପ ସାହୁ, ଏରସମା ଥାନା ଆଇଆଇସି ପ୍ରଦ୍ୟୁମ୍ନ ବେହେରା ଏବଂ ରଘୁନାଥପୁର ଥାନା ଅଧିକାରୀ ଅରବିନ୍ଦ ଶରଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ମାଙ୍କଡ଼ ଉତ୍ପାତ, ରବି ଫସଲ ଚାଷୀ ଚିନ୍ତିତ

**କୁଜଙ୍ଗ,୧୩।୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ, ପହଣା ଓ ପାଇକସ୍ତା ଅଞ୍ଚଳରେ ବ୍ୟାପକ ରବି ଫସଲ ସାଙ୍ଗକୁ କଦଳୀ ଓ ଅମୃତଭଣ୍ଡା ଚାଷ କରାଯାଇଛି। ମାତ୍ର ପ୍ରତିଦିନ ଶହଶହ ମାଙ୍କଡ଼ ପଶି ଏ ସବୁ ଫସଲକୁ ନଷ୍ଟ କରୁଛନ୍ତି। ଫଳରେ ଏହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ବନବିଭାଗକୁ ଜଣାଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଚାଷୀ ପାଇକସ୍ତା ନିବାସୀ ପ୍ରମୋଦ ଦାଶଙ୍କ ସମେତ ରବୀନ୍ଦ୍ର ସାହାଣୀ, ଭଗବାନ ନାୟକ ଓ ବୈରାଗୀ ପଟ୍ଟନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ତେଣୁ ଏ ଦିଗରେ ବନ ବିଭାଗ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏହି ସମସ୍ୟା କେବଳ ପହଣା ଓ ପାଇକସ୍ତାରେ ସିମିତ ନ ରହି ଅଞ୍ଚଳର ଅନ୍ୟ ସ୍ଥାନକୁ ବ୍ୟାପିଥିବା ଦେଖିବାକୁ ମିଳିଛି।

# ୨୧ରେ ଓଡ଼ିଶା ବନ୍ଦ ଡାକରା ଦେଲା ନବନିର୍ମାଣ କୃଷକ ସଙ୍ଗଠନ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ଗଣତନ୍ତ୍ର ବଞ୍ଚାଅ–ଚାଷୀ ବଞ୍ଚାଅ ଆହ୍ୱାନରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ୨୧ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଉତ୍କଳ ସାମ୍ବାଦିକ ଭବନରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ରାଜ୍ୟରେ ନିରଙ୍କୁଶ ତାନାସାହି ଶାସନ ଚାଲିଛି। ଏକ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମଧ୍ୟରେ ସମସ୍ତଙ୍କର ମତବ୍ୟକ୍ତ ଏବଂ ଆନ୍ଦୋଳନ କରିବାର ଅଧିକାର ରହିଛି। ଗତ ୬ତାରିଖରେ ହେଉ ଅଥବା ୨୦୧୮ ଅକ୍ଟୋବର ୨୯ରୁ ନଭେମ୍ବର ୫, ସବୁବେଳେ ପୋଲିସ୍ ଚାଷୀଙ୍କ ଭୁବନେଶ୍ୱର ପ୍ରବେଶ ଉପରେ ରୋକ ଲଗାଇଛି। କେବଳ ବିଗତବର୍ଷ ନୁହେଁ ପ୍ରତ୍ୟେକଥର ରାଜଧାନୀ ଅଭିଯାନ ଡ଼ାକରା ସମୟରେ ତୃଣମୂଳ କର୍ମୀଙ୍କ ଉପରେ ପୋଲିସ୍ ଜୁଲମ ବଢୁଛି। ଘରୁ କର୍ମୀଙ୍କୁ ଉଠାଇ ଆଣି ପୋଲିସ୍ ଧମକାଉଛି। ଆଚରଣବିଧି ଲାଗୁ ପୂର୍ବରୁ ଚାଷୀର ଧାନ ଦର ୨୯୩୦ଟଙ୍କା କରିବା, ପେନ୍‌ସନ ପାଇଁ ଅର୍ଥ ବରାଦ ଓ ପୋଲିସ୍‌ର ଗଣତାନ୍ତ୍ରିକ ଅଧିକାର ଉପରେ ମାତ୍ରାଧିକ ବଳ ପ୍ରୟୋଗ ବିରୁଦ୍ଧରେ ଓଡ଼ିଶା ବନ୍ଦ ହେବ ବୋଲି ଅକ୍ଷୟ କୁମାର କହିଛନ୍ତି।

■ ରାସ୍ତାରେ ବିଞ୍ଚାଯାଉଛି କୋଟି କୋଟି ଟଙ୍କା

# ସୁଧୁରୁନି ଅବସ୍ଥା, ଯାତାୟାତ ବାଧାପ୍ରାପ୍ତ

**ନାଉଗାଁ,୧୩।୨(ସ୍ୱ.ପ୍ର.)**

ଆଗକୁ ସାଧାରଣ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି ରାଜନେତାମାନେ କର୍ମୀଙ୍କୁ ଖୁସି କରିବାକୁ ତତ୍ପର। ତେଣୁ କେଉଁଠି ରାସ୍ତା ପ୍ରଶସ୍ତୀକରଣ ଚାଲିଛି ତ ଆଉ କେଉଁଠି ଚାଲିଛି ତାଳିପକା କାମ। କୋଟି କୋଟି ଟଙ୍କାର ଏ ସବୁ କାମ ଟେଣ୍ଡର ମାଧ୍ୟମରେ କରା ନ ଯାଇ ରାଜନେତାଙ୍କ ଚିଠାରେ ଚାଲିଛି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ଅଳ୍ପ ଦିନରେ ନଷ୍ଟ ହୋଇଯାଉଛି। ଜନସାଧାରଣ ପୂର୍ବଭଳି ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନାଉଗାଁ–ଗାରୋଇ ରାସ୍ତାଟି କୋକିଡ଼ିହ ଛକଠାରୁ ଗାରୋଇକୁ ସଂଯୋଗ କରୁଛି। ୧୧ କିମିର ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ୧୯୮୫ରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ପରେ ୧୯୯୦ରେ ତତ୍କାଳୀନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ଉନ୍ନୟନ ପାଣ୍ଠିରୁ ମେଟାଲ ଓ ମୋରମ କରାଯାଇଥିଲା। ୧୯୯୦–୯୫ ରେ ତତ୍କାଳୀନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ବିଧାୟକ ପାଣ୍ଠିରେ ଏହି ରାସ୍ତା ନିର୍ମାଣ କରାଯାଇଥିଲେ ମଧ ତାହା ସମ୍ପୂର୍ଣ୍ଣ ହୋଇ ନ ଥିଲା। ୧୯୯୫–୨୦୦୦ରେ ତତ୍କାଳୀନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଉନ୍ନୟନ ପାଣ୍ଠିରେ ଏହି ରାସ୍ତା କଙ୍କ୍ରିଟ ଓ ପିଚୁ କରାଯାଇଥିଲା। ୨୦୦୦–୦୯ରେ ଉକ୍ତ ରାସ୍ତା ୪ କୋଟି ଟଙ୍କା ବ୍ୟୟରେ ମରାମତି ହୋଇଥିଲା। ୨୦୧୫–୧୬ ଆର୍ଥିକ ବର୍ଷରେ ରାସ୍ତା ପ୍ରଶସ୍ତୀକରଣ କରାଯାଇଥିଲା। ୨୦୧୭–୧୮ ଆର୍ଥିକ ବର୍ଷରେ ପୂର୍ତ୍ତ ବିଭାଗ ପକ୍ଷରୁ ତାଳିପକା କାମ ହୋଇଥିଲା। ଏହି ୧୧ କି.ମି ରାସ୍ତାରେ ଉକ୍ତ ଆର୍ଥିକ ବର୍ଷରେ ୧୦ ଠିକାଦାର ଚିଠାରେ କାର୍ଯ୍ୟ କରିଥିବା ଦର୍ଶାଯାଇଥିଲା। ତେବେ ପୁଣି ୨୦୧୮–୧୯ ଆର୍ଥିକ ବର୍ଷରେ ଏହି ରାସ୍ତାରେ ଚିଠାରେ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ପରିତାପର ବିଷୟ ହେଲା ବିଭିନ୍ନ ପର୍ଯ୍ୟାୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ରାସ୍ତା ଅବସ୍ଥା ସୁଧୁରୁନି। ତାଳିପକା କାର୍ଯ୍ୟ କରି କେବଳ ଠିକାଦାର, ବିଭାଗୀୟ କର୍ମଚାରୀ ଓ ରାଜନେତାମାନେ ଉପକୃତ ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରତିବର୍ଷ ରାସ୍ତା ପିଚୁ ହେଉଥିବାବେଳେ କଙ୍କ୍ରିଟ ହୋଇଥିବା ରାସ୍ତାରେ ହାତ ମରାଯାଉନାହିଁ। ଫଳରେ କଙ୍କ୍ରିଟ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଗୋବରୀ ନଦୀକୁ ପାଣି ନିଷ୍କାସନ ପାଇଁ ଏହି ରାସ୍ତାରେ ୯ ଟି କଲଭର୍ଟ ରହିଛି। କିନ୍ତୁ ଅଧିକାଂଶ କଲଭର୍ଟ ଦବିଯାଇଛି। ବିଭାଗ ପକ୍ଷରୁ ନାମକୁମାତ୍ର କେତୋଟି କଲଭର୍ଟରେ ଚୂନ ଲେପ ଦିଆଯାଇଛି। ରାସ୍ତା କାମ ବେଳେ କୌଣସି ସୂଚନା ଫଳକ ଲଗାଯାଉନି କି ବିଭାଗୀୟ ଅଧିକାରୀ ତଦାରଖ କରୁନାହାନ୍ତି। ତେଣୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ସାହୁ କହିଛନ୍ତି ଯେ, ଏହି ରାସ୍ତା କାମ ଚିଠା କାର୍ଯ୍ୟ ମାଧ୍ୟମରେ ହେଉଛି। କାମ ବେଳେ ବିଭାଗ ପକ୍ଷରୁ ଯନ୍ତ୍ରୀ ଉପସ୍ଥିତ ରହୁଛନ୍ତି।



ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ।



ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।

- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଯୁବ ନେତୃତ୍ୱ, ସାମାଜିକ ବିକାଶ ଶିବିର




**ଯାଜପୁର ଅଫିସ,୧୩।୨:** ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯାଜପୁର ଜିଲା ଅଙ୍କୁଲାସ୍ଥିତ କର୍ଫ ସମ୍ମିଳନୀ କକ୍ଷରେ ବୁଧବାର ୩ ଦିନିଆ ଯୁବ ନେତୃତ୍ୱ ଓ ସାମାଜିକ ବିକାଶ ଶିବିର ଉଦ୍‌ଘାଟିତ ହୋଇଛି। ଗଙ୍ଗାଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଶାସନ ଶରତକୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଯୁବବର୍ଗଙ୍କ ମଧରେ ପ୍ରତିଭା ରହିଛି ବୋଲି କହିଥିଲେ। ସହକାରୀ ଜିଲାପାଳ କୁଳମଣି ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଷୟ ବିଷାରଦ ବିରଜାପ୍ରସାଦ ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୁବବର୍ଗ ମଧରେ ଅଫୁରନ୍ତ ଶକ୍ତି ଓ ଉତ୍ସାହ ରହିଥିବାରୁ ତାହାର ଠିକ୍‌ଭାବେ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ଜିଲା ଶିଶୁ କଲ୍ୟାଣ କମିଟିର ସଦସ୍ୟ ହୃଷୀକେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ମଧାହ୍ନଭୋଜନ ଅନିୟମିତତାର ତଦନ୍ତ କଲେ ବିଡିଓ

**ସୁକିନ୍ଦା, ୧୩।୨(ଡି.ଏନ୍.ଏ.):** ସୁକିନ୍ଦା ବ୍ଲକ ଦୁଧୁଯୋରି ପଞ୍ଚାୟତର ବାଉଁଶକୋଣ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନ ଭୋଜନ ଅନିୟମିତତା ସମ୍ପର୍କରେ ବୁଧବାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ସୁକିନ୍ଦା ବିଡିଓ ମଣିପ୍ରସାଦ ମିଶ୍ର ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ କାଗଜପତ୍ର ଯାଞ୍ଚ କରିଥିବା ଜଣାପଡିଛି। ସୁନେଇ ସାମାଡ,ବର୍ଷା ସାମାଡ, ସୁଭଦ୍ରା ସାମାଡ ଗତ ଜୁନ ଓ ଜୁଲାଇ ୨୦୧୮ରୁ ବିଦ୍ୟାଳୟରେ ଅନୁପସ୍ଥିତ ରହିଛନ୍ତି। ହେଲେ ସେପ୍ଟେମ୍ବର ପର୍ଯ୍ୟନ୍ତ ସେମାନଙ୍କ ଉପସ୍ଥାନ ଦର୍ଶାଯାଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ୱୀକାର କରିଥିବା ବିଡିଓ କହିଛନ୍ତି। ତେବେ ଅଧିକ ତଦନ୍ତ ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଣିପ୍ରସାଦ କହିଛନ୍ତି। ପ୍ରକାଶ ଯେ, ବାଉଁଶକୋଣ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନହେବ ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଦର୍ଶାଯାଇ ମଧାହ୍ନ ଭୋଜନ ବାବଦ ଅର୍ଥ ହଡ଼ପ କରାଯାଉଥିବା ନେଇ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

# ତିତ୍‌ଲି ବାତ୍ୟା ଅନୁଦାନ ବାଟବଣା

**ରସୁଲପୁର,୧୩।୨(ଡିଏନଏ)**

ରସୁଲପୁର ବ୍ଲକକୁ ବିନା କ୍ଷୟକ୍ଷତିରେ ବାତ୍ୟା ଅନୁଦାନ ମିଳିଛି । ବ୍ଲକ ପକ୍ଷରୁ ମିଥ୍ୟା ପ୍ରକଳ୍ପ ତାଲିକା ପ୍ରଦାନ କରି ତିତ୍‌ଲି ବାତ୍ୟାରେ କ୍ଷୟକ୍ଷତି ବାବଦକୁ ୧.୯୨କୋଟି ଟଙ୍କା ଅନୁଦାନ ମିଳିଛି। ଚଳିତବର୍ଷ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଟଙ୍କା ଭୋଟ ବ୍ୟାଙ୍କକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଉଛି ବୋଲି କୁହାଯାଉଛି। ଏଥିପାଇଁ ମନ ଇଚ୍ଛା ପ୍ରକଳ୍ପ ଚୟନ କରାଯାଇଛି। ଏପରି କି ନିର୍ମାଣ କାର୍ଯ୍ୟ ସମୟରେ ଆଇନକାନୁନ ପ୍ରତି ଆଖିବୁଜି ଦିଆଯାଇଛି। ଅନୁଦାନ ଅର୍ଥକୁ ମିଳିମିଶି ଚଳୁ କରିବା ପାଇଁ ଏକ ପ୍ରକାର ମସୁଧା ଚାଲିଛି। ପ୍ରକଳ୍ପ ଚୟନ ବେଳେ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରାଯାଇଛି। ସାଧାରଣ ନିର୍ବାଚନକୁ ନେଇ ଆଚରଣବିଧି ଲାଗୁ ହୋଇଯିବା ପୂର୍ବରୁ ଆଂଶିକ/ସମ୍ପୂର୍ଣ୍ଣ ବିଲ୍ କରାଇ ନେବାକୁ ମସୁଧା ଚାଲିଛି।

୨୦୧୮ ଅକ୍ଟୋବର ୧୧ରେ ତିତ୍‌ଲି ବାତ୍ୟାରେ ରାଜ୍ୟର ଗଜପତି ଜିଲା ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଏହି ସମୟରେ ଯାଜପୁର ଜିଲାରେ ଝିପ୍ ଝିପ୍ ବର୍ଷା ସାଙ୍ଗକୁ କୋହଲା ପାଗ ଅନୁଭୂତ ହୋଇଥିଲା। ମାତ୍ର ରାଜ୍ୟ ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ଚିଠି ନଂ-୫୮୭୬ରେ ବାତ୍ୟାରେ କ୍ଷୟକ୍ଷତିକୁ ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ମୁତାବକ ଜିଲାପାଳ ପ୍ରତ୍ୟେକ ବ୍ଲକକୁ କ୍ଷୟକ୍ଷତିର ତାଲିକା ମାଗିଥିଲେ। ପ୍ରାରମ୍ଭରେ ବ୍ଲକ ପକ୍ଷରୁ ବାତ୍ୟାରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ନେଇ ରିପୋର୍ଟ ପଠାଯାଇଥିଲା। ପରେ ନିର୍ବାଚନୀ ବର୍ଷକୁ ଦୃଷ୍ଟିରେ ରଖି ମନଇଚ୍ଛା ଏକ ରିପୋର୍ଟ ପ୍ରଦାନ କରିବାକୁ ବିଡିଓଙ୍କ ଜରିଆରେ ବର୍ତ୍ତା ଦିଆଯାଇଥିଲା। ସହାକରୀ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ବୈଷୟିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ନ କରି ନେତା ଓ କର୍ମୀମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ତାଲିକାରେ ମୋହର ଲଗାଇ ଦେଇଥିଲେ। ସେହି ମୁତାବକ ରସୁଲପୁର ବ୍ଲକକୁ ତିତ୍‌ଲିରେ ରାସ୍ତାଘାଟର କ୍ଷୟକ୍ଷତିକୁ ଭରଣା କରିବା ପାଇଁ ୧.୯୨କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି କ୍ରମରେ ରସୁଲପୁର ବ୍ଲକରୁ ଧର୍ମଶାଳା ନିର୍ବାଚନ ମଣ୍ଡଳିରେ ସାମିଲ ହୋଇଥିବା ୯ଟି ପଞ୍ଚାୟତକୁ ୯୦ଲକ୍ଷ ଟଙ୍କା, କୋରେଇ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୯ଗୋଟି ପଞ୍ଚାୟତରୁ ୮ଗୋଟି ପଞ୍ଚାୟତ ପାଇଁ ୬୦ଲକ୍ଷ, ବରୀ ନିର୍ବାଚନ ମଣ୍ଡଳିରେ ସାମିଲ ହୋଇଥିବା ୧୦ଗୋଟି ପଞ୍ଚାୟତରୁ ୭ଟି ପଞ୍ଚାୟତ ପାଇଁ ୪୨ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ରସୁଲପୁର ପଞ୍ଚାୟତକୁ ସର୍ବାଧିକ ୨୦ଲକ୍ଷ ଓ ନଠୁଆବରକୁ ସର୍ବନିମ୍ନ ୪ଲକ୍ଷ ଟଙ୍କା ଅନୁଦାନ ମିଳିଛି। ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ଅନୁମୋଦିତ ପ୍ରକଳ୍ପଗୁଡିକ ବୈଷୟିକ ଅଧିକାରୀଙ୍କ ଦ୍ୱାରା ଚୟନ କରାଯାଇ ନ ଥିବାରୁ ଏସବୁର ସ୍ଥିତିକୁ ନେଇ ସାଧାରଣରେ ସନ୍ଦେହ ଉପୁଯିଛି। କେତେକ ଗାଁରେ ରାସ୍ତା ନ ଥାଇ ବି ରାସ୍ତା ଅଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିଭଳି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ରାହାମ୍ବା ପଞ୍ଚାୟତର ମିର୍ଜାପୁର ଗାଁର ଡମପଡ଼ାଠାରୁ ଚନ୍ଦନସ୍ପୋର୍ଟିଂ କ୍ଲବ ରାସ୍ତାକୁ ଉଦାହରଣ ଭାବରେ ନିଆଯାଇ ପାରେ। ଏହି ରାସ୍ତା ପାଇଁ ୪ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ପ୍ରକଳ୍ପ ସ୍ଥାନରେ ଚାଷ ଜମି ରହିଛି। ଏଭଳି କିଛି ରାସ୍ତା ନ ଥିବା କୁହାଯାଉଛି। ତେବେ ଉକ୍ତ ପ୍ରକଳ୍ପକୁ କିପରି ଅନୁମୋଦନ ମିଳିଲା ତା' ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାସ୍ତବରେ ଦେଖିବାକୁ ଗଲେ ରାସ୍ତା ଗୁଡିକର ବାତ୍ୟାରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଅଧିକାଂଶ ସ୍ଥାନରେ ନୂଆ ରାସ୍ତା ନିର୍ମାଣ କରାଯାଉଛି। ବ୍ଲକ ଅଧିନରେ ଥିବା ୧୭୩ ରାଜସ୍ୱ ଗ୍ରାମରୁ ମାତ୍ର ୩୭ ରାଜସ୍ୱ ଗ୍ରାମରେ ରାସ୍ତାଘାଟରେ କ୍ଷୟକ୍ଷତି ହୋଇଥିବା ଦର୍ଶାଯାଇଛି। ବାକି ଅନ୍ୟସବୁ ଗ୍ରାମରେ କୌଣସି କ୍ଷତି ହୋଇଥିବା ନ ଥିବା ତଥ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଭୋଟ ଦୁର୍ବଳ ସ୍ଥିତି ଥିବା ଗ୍ରାମଗୁଡିକରେ ମନଗଢ଼ା ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଉକ୍ତ କାର୍ଯ୍ୟ ସମ୍ପାଦାନ ହେବା ନେଇ ପଲ୍ଲୀସଭା ଓ ଗ୍ରାମସଭା କରାଯାଇ ନାହିଁ। ବିଭାଗୀୟ ଅଧିକାରୀଙ୍କ ନାଁରେ କାର୍ଯ୍ୟାଦେଶ ରଖାଯାଇ ନିର୍ମାଣ କାର୍ଯ୍ୟ କରାଯାଉଛି। ବାସ୍ତବ କ୍ଷେତ୍ରରେ ବିଭାଗୀୟ ଅଧିକାରୀମାନେ ରାସ୍ତାର ତଦାରଖ ଦାୟିତ୍ୱ ନେତାଙ୍କ ଦ୍ୱାରା ସୁପାରିଶ ବ୍ୟକ୍ତିଙ୍କ ହାତକୁ ଟେକି ଦେଇଛନ୍ତି। ନିର୍ବାଚନୀ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ରାସ୍ତାନିର୍ମାଣ କାର୍ଯ୍ୟ ଯେନତେନ ଉପାୟରେ ଆରମ୍ଭ କରିବାକୁ ଉଦ୍ୟମ ଜାରି ରହିଛି। ନଚେତ୍ ତିତ୍‌ଲି କ୍ଷୟକ୍ଷତି ଅର୍ଥ ଖର୍ଚ୍ଚ ହେବାର ସମ୍ଭାବନା ଅପେକ୍ଷାକୃତ କମ୍ ରହିଛି। ସରକାରୀ ଅର୍ଥର ଦୁରୁପଯୋଗ କରି ଅର୍ଥ ହଡପ ପ୍ରୟାସକୁ ରୋକିବା ସହ ପ୍ରକଳ୍ପ ଚୟନରେ ହୋଇଥିବା ଅନିୟମିତତାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲାପରିଷଦ ସଦସ୍ୟ ଚର୍ତୁଭୂଜ ଦ୍ୱିବେଦୀ, ରସୁଲପୁର ସମିତି ସଭ୍ୟ ବିଶ୍ୱନାଥ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ ନିର୍ମାଣାଧୀନ ପ୍ରକଳ୍ପର ପୂର୍ବ ଓ ପର ଫଟୋ ଫାଇଲରେ ସଂଯୋଗ କରିବାକୁ କୁହାଯାଇଛି। କୌଣସି ସ୍ଥାନରେ ଅନିୟମିତତା ସମ୍ପର୍କରେ ଅଭିଯୋଗ ମିଳିଲେ ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଡ଼ା ମତପ୍ରକାଶ କରିଛନ୍ତି।

**ରସୁଲପୁର ବ୍ଲକ**



- କ୍ଷୟକ୍ଷତି ଆଳରେ ୧.୯୨କୋଟି ବ୍ୟୟବରାଦ
- ଭୋଟ ହାତେଇବା ଲକ୍ଷ୍ୟରେ ପ୍ରକଳ୍ପ ଚୟନ

### ପୂର୍ବ ଶତ୍ରୁତାରୁ ଆକ୍ରମଣ

**ରସୁଲପୁର,୧୩।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧରେ ଗଣ୍ଡଗୋଳ ଉପୁଜିଛି। ୨ ଯୁବକ ଛେନା ବ୍ୟବସାୟ କରୁଥିବା ଦୁଇ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏସମ୍ପର୍କରେ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, କୁଆଖିଆ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗା ଗ୍ରାମର କୁଞ୍ଜ ପଲେଇ ଓ ଭାଇ ଗଣେଶ୍ୱର ଛେନା ବ୍ୟବସାୟ ସାରି ଘରକୁ ଫେରୁଥିଲେ। ମୂଳାପାଳ ଛକ ନିକଟରେ ଗଙ୍ଗାଧରପୁର ଗ୍ରାମର ବାବୁଲା ଜେନା ଓ ଠୁନୁ ବେହେରା ଉକ୍ତ ଦୁଇଭାଇଙ୍କୁ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ବାବୁଲା ଏକ କାତିରେ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବାବେଳେ ୨ଭାଇଙ୍କ ଚିତ୍କାର ଶୁଣି ବଜାରର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ପରେ ଏ ସମ୍ପର୍କରେ କୁଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣା ବିଷୟରେ ଅନୁଧାନ କରୁଛି। ଖବରଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହେବା ନେଇ କୌଣସି ସୂଚନା ମିଳି ନାହିଁ।

## ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ଚଣ୍ଡିଖୋଲ, ୧୩।୨(ଡି.ଏନ୍.ଏ)**

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ବୁଧବାର 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ସାମାଜିକ ଚିତ୍ର ଓ ଶିଳ୍ପକଳା' ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଅଭିମନ୍ୟୁ ରାଉତଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ୨ଟି ସୋପାନରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସୋପାନରେ ମୁଖ୍ୟ ଅତିଥିଭାବେ ବାଗ୍ମି ଓ ଓଡ଼ିଆ ଭାଷା ସାହିତ୍ୟର ଲବ୍ଧ ପ୍ରତିଷ୍ଠିତ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇଥିଲେ। ବିଭାଗର ପ୍ରାଧ୍ୟାପକ ବ୍ରଜ କିଶୋର ନାୟକ, ମହାବିଦ୍ୟାଳୟର ଅଧକ୍ଷ କେଦାରନାଥ ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ସୋପାନରେ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଓଡ଼ିଆ ଭାଷା ବିଷୟ 'ଓଡ଼ିଶାର ପାଲା ପରମ୍ପରାରେ ଲୋକଚିତ୍ର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ପ୍ରଧାପକ ରାଜେନ୍ଦ୍ର ପାଢୀ, ସଲିଳ ରାଜନନ୍ଦନ ମହାନ୍ତି, ପ୍ରାଧାପିକା ଇନ୍ଦୁମତୀ ଦାଶ, ଦିଲୀପ କୁମାର ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଓଡ଼ିଆ ବିଭାଗ ଅଧାପିକା ସ୍ୱର୍ଣ୍ଣପ୍ରଭା ରାଉତରାୟ, ଅଧାପିକା ଦିପ୍ତୀମୟି ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାପକ ବିଜୟ କେତନ ସାମଲ ଧନ୍ୟବାଦ ଦେଇଥିଲେ।

ଆଜିଠାରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଶିକ୍ଷଣ ଶିବିର

## ଅନୁପସ୍ଥିତ ଅଧିକାରୀଙ୍କୁ ନିଲମ୍ବନ ଚେତାବନୀ

**ଯାଜପୁର ଅଫିସ, ୧୩।୨**

ସାଧାରଣ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଗୁରୁବାରଠାରୁ ଆରମ୍ଭ ହେବ। ଏଥିରେ ୩,୮୮୬ଜଣ ପ୍ରିଜାଇଡିଂ ଅଫିସର ଓ ପୁଲିଙ୍ଗ ଅଫିସର ଅଂଶ ଗ୍ରହଣ କରିବେ। ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଜିଲାର ଚଣ୍ଡିଖୋଲ ବାବା ଭୈରବା ନନ୍ଦ କଲେଜ, ଧର୍ମଶାଳା ବ୍ଲକ ପରିସର, ଯାଜପୁର ଏନ୍.ସି. କଲେଜ, ବ୍ୟାସନଗର କଲେଜ ଓ ଦାନଗଦୀ ବୁଦ୍ଧରଜା ହାଇସ୍କୁଲରେ ଆରମ୍ଭ ହେବ। ଏହା ଏକ ଜାତୀୟ କାର୍ଯ୍ୟକ୍ରମ ହେଉଥିବାରୁ ଯେଉଁ ଅଧିକାରୀ ପ୍ରଶିକ୍ଷଣ ଶିବିରରେ ଅନୁପସ୍ଥିତ ରହିବେ ସେମାନଙ୍କୁ ନିଲମ୍ବନ କରାଯାଇପାରେ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ଚେତାବନୀ ଦେଇଛନ୍ତି।

## ଗନ୍ଧଣ ପଞ୍ଚାୟତରେ ମହିଳା ସମାବେଶ

**ରସୁଲପୁର,୧୩।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତରେ ବୁଧବାର ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ଉକ୍ତ ସମାବେଶରେ ୭୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ। ସରପଞ୍ଚ ଗାୟତ୍ରୀ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ଚମ୍ପାରାଣୀ ବେହେରା, ସମିତିସଭ୍ୟା ଅନୀତା ପୁହାଣ, ପୂର୍ବତନ ସରପଞ୍ଚ ଶ୍ରୀଧର ବିଶ୍ୱାଳ, ସମିତିସଭ୍ୟ ଅନନ୍ତ ପୁହାଣ, ଶତୃଘନ ମଳିକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାଙ୍କୁ ସାମାଜିକ, ସ୍ୱାସ୍ଥ୍ୟଗତ, ଶିକ୍ଷା, ଅର୍ଥନୈତିକ ଆଦି ବିକାଶ କ୍ଷେତ୍ରରେ ନାନା ପରାମର୍ଶ ପ୍ରଦାନ କରାଯାଇଥିଲା। ପଞ୍ଚାୟତରେ ନୂତନ ଭାବେ ଗଠନ ହୋଇଥିବା ୩୬ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ୧୫ହଜାର ଲେଖାଏ ଟଙ୍କା ମୂଳଧନ ପ୍ରଦାନ କରାଯାଇଛି। ଉକ୍ତ ମୂଳଧନର ସଦୁପଯୋଗ କରି ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଗୋଷ୍ଠିଗୁଡିକ ନିୟମିତ ବୈଠକ, ରିଜୋଲ୍ୟୁଶନ ଖାତାର ସୁପରିଚାଳନା, ଆୟବ୍ୟୟର ରେଜିଷ୍ଟ୍ରରକୁ ନିୟମିତ ପରିଚାଳନା କରିବା ଆଦି ଦିଗରେ ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପଞ୍ଚାୟତର ୨୫ଟି ପୁରୁଣା ଗୋଷ୍ଠୀମାନଙ୍କ ଆର୍ଥିକ କାରବାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେମାନଙ୍କୁ ସରକାରୀ ସହାୟତା ମିଳିବା ନେଇ କାଗଜପତ୍ର ସଂଗ୍ରହ କରାଯାଇଥିଲା। ଦୁର୍ଯ୍ୟୋଧନ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜୟପ୍ରକାଶ ଝୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।




ମହିଳା ସମାବେଶରେ ଉପସ୍ଥିତ ଅତିଥି।

- ମିଶ୍ରିଲାଲ ଖଣିରେ ମୃତ ଶ୍ରମିକଙ୍କ ପରିବାର ପକ୍ଷରୁ ଧାରଣା

## ୪ ମାସ ପରେ ବି ମିଳିଲାନି ସହାୟତା

**କାଳିଆପାଣି,୧୩।୨(ଡି.ଏନ୍.ଏ.)**

ସରୁଆବାଲିଠାରେ ଥିବା ମିଶ୍ରିଲାଲ ଖଣିରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତିଛି। ହେଲେ କମ୍ପାନୀ ପକ୍ଷରୁ ମୃତ କର୍ମଚାରୀଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇ ପାରି ନାହିଁ। ଏହାର ପ୍ରତିବାଦରେ ବୁଧବାର ଉକ୍ତ କର୍ମଚାରୀଙ୍କ ସ୍ତ୍ରୀ ପରିବାର ସହିତ ଖଣି ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଶ୍ରମିକ ସଂଘ ଶାଖା ଧାରଣାରେ ସାମିଲ ହୋଇଥିଲା। ତେବେ ସନ୍ଧ୍ୟା ସୁଦ୍ଧା କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।

ଗତ ଅକ୍ଟୋବରରେ ଖଣିରେ କାର୍ଯ୍ୟରତ ଏସ୍‌ୟୁସିଆଇ ସମର୍ଥିତ ଶ୍ରମିକ ସଂଘର କାର୍ଯ୍ୟକର୍ତ୍ତା ଝାଡ଼ଖଣ୍ଡସ୍ଥିତ ଜାମସେଦପୁର ଯାଇଥିଲେ। ଏଥିରେ ବିଷ୍ଣୁ ହେମ୍ବ୍ରମ ନାମକ ଜଣେ ଶ୍ରମିକ ରହିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ଡାକ୍ତରଖାନାରେ ଭର୍ତ୍ତିକରାଯାଇଥିଲା। ସେଠାରେ ବିଷ୍ଣୁଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମରର ଶରୀର ଖଣି ଅଞ୍ଚଳକୁ ଆସିବା ପରେ ଖଣି ଗେଟ ସମ୍ମୁଖରେ ପରିବାର ପକ୍ଷରୁ କ୍ଷତିପୂରଣ ଦେବା ସହ ଜଣଙ୍କୁ ଚାକିରି ପ୍ରଦାନ ପାଇଁ ଦାବି କରାଯାଇଥିଲା। ଏହି ଧାରଣାରେ ପରିବାର ଓ ଶ୍ରମିକଙ୍କ ସହ ସ୍ଥାନୀୟ ବିଧାୟକ ମଧ ସାମିଲ ହୋଇଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ବିଷ୍ଣୁଙ୍କ ସ୍ତ୍ରୀ ସମବାରୀଙ୍କୁ ଚାକିରି ପ୍ରଦାନ ସହ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ପ୍ରତିଶ୍ରୁତିକୁ ଇତି ମଧରେ ୪ ମାସ ପୂରଣ ହୋଇଯାଇଥିଲେ ବି ଅଦ୍ୟାବଧି ପରିବାରକୁ କୌଣସି ସହାୟତା ପ୍ରଦାନ କରାଯାଇପାରି ନାହିଁ। ଏ ନେଇ ଖଣି ପରିଚାଳକ ସୁଧାଂଶୁ ମିଶ୍ରଙ୍କୁ ପଚାରିବାରୁ ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛନ୍ତି। ତୁରନ୍ତ ସମାଧାନ କରାଯିବ ବୋଲି ମିଶ୍ର କହିଛନ୍ତି।

## କଳିଙ୍ଗ ପାଠାଗାରରେ ଶିଶୁ ପ୍ରତିଭା ଅନ୍ୱେଷଣ

**ରସୁଲପୁର,୧୩।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କଳିଙ୍ଗ ପାଠାଗାର ଚଣ୍ଡିପୁର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ଶିଶୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈଦ୍ୟେନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ କବିରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ନାୟକ, ସମ୍ମାନିତ ଅତତିଥି ଭାବେ ଶିକ୍ଷାବିତ୍ ହାଡିବନ୍ଧୁ ରଣା, ଗୋବର୍ଦ୍ଧନ ସ୍ୱାଇଁ, ଯୋଗାଚାର୍ଯ୍ୟ ବିଜୟ କୁମାର ଦାସ, ପ୍ରଧାନ ଶିକ୍ଷକ ସନାତନ ପଣ୍ଡା, ପୂର୍ବତନ ସମିତି ସଭ୍ୟ ବଟକୃଷ୍ଣ ସାହୁ, ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଶିଶୁ ପ୍ରତିଭା ରାଜେନ୍ଦ୍ର ସାହୁ, ଅମୀୟ ମହାନ୍ତି, ଲିପ୍ସା ଆଏଚ, ସୋମନାଥ ସାହୁ, ଶ୍ରୀୟାଂଶୁ ରାଉତ, ସୌମ୍ୟରଞ୍ଜନ ସାହୁ, ଅନନ୍ୟା ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ମେଧାବୀ ଛାତ୍ରୀ ସର୍ମିଷ୍ଠା ପଣ୍ଡା , ରଞ୍ଜିନା ସାହୁ , ଭବସ୍ମିତା ସାହୁ , ସ୍ମୃତିପ୍ରଭା ସାହୁ , ରଞ୍ଜିତା ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ସୌମ୍ୟସମାପିକା ବାରିକ, ଜିତୁ ମୁଣ୍ଡା, ସାଇସ୍ମିତା ମହାଲିକ, ରିଙ୍କୁପ୍ରଧାନପ୍ରମୁଖ ଚାମ୍ପିୟନ ହୋଇଥିବାରୁ କପ୍ ଓ ସିଲ୍ ପ୍ରଦାନ କରାଯାଇଥିଲା।

**ଯୁବ ବୈଜ୍ଞାନିକ ହେମନ୍ତ ଓଝା**

# କମାର ସାହିରୁ ନାସା



ମା' ବାପାଙ୍କ ଗହଣରେ ହେମନ୍ତ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ଗ୍ରାମର କମାର ସାହି। ଏହି ସାହିକୁ ଯିବାକୁ ଭଲ ରାସ୍ତା ଖଣ୍ଡେ ନାହିଁ। ଆଉ ସେଭଳି କିଛି କାମ ନ ପଡ଼ିଲେ କାହାରି ପାଦ ସହଜରେ ସେଠାରେ ପଡ଼େ ନାହିଁ। କିନ୍ତୁ ଆଜି ସେହି ଅମଡ଼ା ସାହିକୁ ସାରା ଦେଶରେ ପରିଚିତ କରିବାରେ ସଫଳ ହୋଇଛନ୍ତି ଯୁବ ବୈଜ୍ଞାନିକ ହେମନ୍ତ ଓଝା ଓରଫ ପପୁ(୨୫)। ମା' ସାବିତ୍ରୀ ଓ ପିତା ଅର୍ଜୁନ ଓଝାଙ୍କ ସାନ ପୁତ୍ର ହେମନ୍ତଙ୍କ ସାଧନା ଆଗରେ ଦାରିଦ୍ର୍ୟ, ଅଭାବ ଅନଟନ ସବୁକିଛି ଗୁରୁତ୍ୱହୀନ ହୋଇପଡିଛି। ସ୍ଥିର, ଅବିଚଳିତ ଭାବରେ ଲକ୍ଷ୍ୟପଥରେ ଅଗ୍ରସର ହେବାର ସଂକଳ୍ପ ହେମନ୍ତଙ୍କୁ ଏକ ବଡ଼ ସଫଳତା ଆଣିଦେଇଛି। ଆମେରିକାସ୍ଥିତ ବୈଜ୍ଞାନିକ ଗବେଷଣା କେନ୍ଦ୍ର ନାସାରେ ଯୋଗଦେବାର ସୁଯୋଗ ତାଙ୍କୁ ମିଳିଛି । ସେ ଆସନ୍ତା ମାର୍ଚ୍ଚ ୧୩ତାରିଖରେ ନାସାରେ ଯୋଗ ଦେବେ । ଏଥିପାଇଁ ଇସ୍ରୋରୁ ତାଙ୍କ ନିକଟକୁ ପତ୍ର ଆସିଛି। ଯୁବ ବୈଜ୍ଞାନିକ ଭାବରେ ନାସାରେ କାର୍ଯ୍ୟ କରିବାର ସଫଳତା ସମଗ୍ର ଦେଶବାସୀଙ୍କ ପାଇଁ ଗୌରବ ଆଣି ଦେଇଛି। ହେମନ୍ତଙ୍କୁ ଅଭିନନ୍ଦନ ଜଣାଇବାକୁ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ଗାଁକୁ ଛୁଟି ଆସୁଛନ୍ତି। ଆଉ ଏହା ଦେଖି ଗାଁ ଲୋକଙ୍କ ଛାତି ଖୁସିରେ କୁଣ୍ଢେମୋଟ ହୋଇଯାଉଛି। ଏଭଳି ଜଣେ ସଫଳ ଯୁବ ବୈଜ୍ଞାନିକଙ୍କ ସହ ଧରିତ୍ରୀ ରସୁଲପୁର ପ୍ରତିନିଧି ରଞ୍ଜିତ ରାଉତଙ୍କ ସ୍ୱତନ୍ତ୍ର ସାକ୍ଷାତକାର ।

**● ହେମନ୍ତଙ୍କ ପୂର୍ବରୁ ଏବେ ବୈଜ୍ଞାନିକ ଲାଗୁଛି, ଏହାକୁ ଶୁଣି କେମିତି ଲାଗୁଛି?**

ମୋର ଏ ସଫଳତା ମା,ବାପା, ଶିକ୍ଷକ, ଗ୍ରାମବାସୀ ବିଶେଷକରି ଟିଉସନ ଶିକ୍ଷକ ଅରୁଣ କାଏସ୍ତଙ୍କୁ ଖୁସି ଦେଇପାରିଛି। ସେମାନଙ୍କ ମୁହଁରେ ହସ ଫୁଟାଇ ପାରିଛି । ତା ହିଁ ମୋ ପାଇଁ ସବୁକିଛି। ଗୁରୁଜନଙ୍କ ଖୁସିରେ ମୁଁ ଖୁସି । ପଦପଦବୀ ମଣିଷକୁ ପରିଚୟ ଦେଇଥାଏ। ମାତ୍ର ପଦପଦବୀର ସଦ୍‌ବ୍ୟବହାର କରି ଲୋକଙ୍କ ହିତ ସାଧନ ଦିଗରେ କାମକଲେ ଅଧିକ ଆନନ୍ଦ ମିଳିଥାଏ।

**● ପରିବେଶ, ଜଳବାୟୁ ପରିବର୍ତ୍ତନକୁ ନେଇ ଗବେଷଣା କରିବାକୁ କାହିଁକି ଆଗ୍ରହ କଲେ?**

ସମଗ୍ର ବିଶ୍ୱରେ ପାଣିପାଗ ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଘଟୁଛି।ବାୟୁମଣ୍ଡଳଦୂଷିତହେଉଛି।ଏହାମାନବସମାଜ ଉପରେ କୁପ୍ରଭାବ ପକାଉଛି, ଯାହାକି ବିଶ୍ୱବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଏହି ସମସ୍ୟା ତାଙ୍କୁ ବ୍ୟଥିତ କରିଥିବାରୁ ଏଦିଗରେ ଗବେଷଣା ଜାରି ରଖିଛି। ଆଗକୁ ଆହୁରି ଅନେକ ବାଟ ଯିବାକୁ ଅଛି।

**● ବୈଜ୍ଞାନିକ ହେବାକୁ କେଉଁଠାରୁ ପ୍ରେରଣା ପାଇଲେ?**

ପିଲାବେଳେ ଖେଳନାକୁ ଖୋଲି ପୁଣି ଯୋଡ଼ିବାରେ ଆଗ୍ରହ ରଖୁଥିଲି। ଧୀରେ ଧୀରେ ଭଙ୍ଗା ଜିନିଷକୁ ଯୋଡି ନୂଆ ତିଆରି କରିବାରେ ଆଗ୍ରହ ଜନ୍ମିଲା। ବିଗିଡିଯାଉଥିବା ପରିବେଶ, ପାଣିପାଗ, ଜଳବାୟୁକୁ ଦେଖି ମନ ଆନ୍ଦୋଳିତ ହେଲା । ତେଣୁ ଏଦିଗରେ ଗବେଷଣା କରିବାକୁ ପ୍ରେରଣା ପାଇଲି। ଦୀର୍ଘ ୧୦ବର୍ଷର ଅବିରତ ଅଭିଯାନ ଯୋଗୁ ଏହି ସ୍ଥାନରେ ପହଞ୍ଚି ପାରିଛି ।

**● କେବେଠାରୁ ଗବେଷଣା ଆରମ୍ଭ କଲେ?**

୨୦୦୯ ମସିହାରେ ପିସି ଘଡ଼େଇ ବିଦ୍ୟାଳୟରୁ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେଲି। ଆର୍ଥିକ ଅନଟନ ପାଠ ପଢାରେ ବାଧା ସୃଷ୍ଟି କଲା। ବଡଭାଇ ଗୌରାଙ୍ଗ ଓଝାଙ୍କ ପ୍ରେରଣା ପାଠପଢା ଓ ଗବେଷଣାରେ ବେଶ୍ ସହାୟକ ହେଲା। ଅର୍ଥ ଅଭାବରୁ ଯୁକ୍ତ ଦୁଇ ଓ ତିନି ଶ୍ରେଣୀରେ ବର୍ଷେ ଲେଖାଏ ପାଠ ପଢ଼ାରୁ ବଞ୍ଚିତ ରହିଥିଲି। ପରେ ରେଭେନ୍ସା ମୁକ୍ତ ବିଶ୍ୱ ବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକୋତ୍ତର ପାସ୍ କଲି। କଲେଜ ପଢିବା ସମୟରେ ଘରର ଅର୍ଥକୁ ଅପେକ୍ଷା ନ କରି ଟ୍ୟୁଶନ କରି ପାଠପଢା ଖର୍ଚ୍ଚ ତୁଲାଇବା ସହ ଗବେଷଣା ପ୍ରତି ମନୋନିବେଶ କରିଥିଲି।

**● ନାସାକୁ ଯିବାକୁ କେମିତି ମନୋନୀତ ହେଲେ?**

ମାଡ୍ରାସ ୟୁନିଭର୍ସିଟି ଅଧୀନରେ ପିଏଚ୍‌ଡି କରୁଥିବା ସମୟରେ ନାନା ପ୍ରକଳ୍ପ ପ୍ରଦର୍ଶନୀ ହୋଇଥିଲା। ଏଥିରେ ଜଳବାୟୁ ପରିବର୍ତ୍ତନ, ପୂର୍ବାନୁମାନ ଓ ଉପଗ୍ରହ ମାଧମରେ ବାର୍ତ୍ତା ପ୍ରେରଣ ସମ୍ପର୍କିତ ପ୍ରକଳ୍ପ ପ୍ରସ୍ତୁତ କରିଥିଲି। ଉକ୍ତ ପ୍ରକଳ୍ପ ବିଚାରକଙ୍କୁ ସନ୍ତୁଷ୍ଟ କରିଥିଲା। ତା' ପରେ ମତେ ଭାରତ ସରକାରଙ୍କ ପକ୍ଷରୁ ନାସାକୁ ଯିବା ପାଇଁ ମନୋନୀତ କରାଯାଇଥିଲା। ମୋ ସହ ଭାରତରୁ ଆଉ ୪ଜଣ ପିଲା ବି ଯାଇଥିଲେ। ମୋଟ ୧୩ଟି ଦେଶରୁ ୬୦ଜଣ ପିଲା ନାସାକୁ ଯାଇଥିଲେ।

**● ନାସାରେ କ'ଣ ଘଟିଲା ?**

ନାସାରେ ମୋ ପ୍ରକଳ୍ପକୁ ନେଇ ୮ଟି ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମୁଁ ୭ଟି ବିଷୟରେ ପରୀକ୍ଷା ଦେଇଥିଲି । ସ୍ୱାସ୍ଥ୍ୟାବସ୍ଥା କାରଣରୁ ଗୋଟିଏ ବିଷୟରେ ପରୀକ୍ଷା ଦେଇ ପାରି ନ ଥିଲି। ମୋଟ ୭ଟି ପରୀକ୍ଷାରୁ ୫ଟି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୨ଟିରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲି। ମୋର ଏହି ସଫଳତା ନାସାରେ ଯୁବ ବୈଜ୍ଞାନିକ ଭାବରେ ଯୋଗଦେବାରେ ସୁଯୋଗ ସୃଷ୍ଟି କରିଥିଲା।

**● ଜୀବନର ଲକ୍ଷ୍ୟ କ'ଣ?**

ମୂଳ ପ୍ରକଳ୍ପ ଉପରେ ଗବେଷଣା ଜାରି ରହିବ। ହେଲେ ଅନ୍ୟ ଗ୍ରହରେ ଜୀବ ସତ୍ତା(ଏଲିଏନ୍ସ) ରହିଛି। ସେ ଦିଗରେ ଅଧିକରୁ ଅଧିକ ଜାଣିବା ଓ ନୂଆ ତଥ୍ୟ ବିଶ୍ୱବାସୀଙ୍କୁ ଜଣାଇବା ଲକ୍ଷ୍ୟ ରଖିଛି।

**● ତିକ୍ତ ଅନୁଭୂତି କ'ଣ?**

ସବୁ କିଛି ଚଳିଯାଉଥିଲା । ପରିବାରର ଆର୍ଥିକ ଦୁର୍ବଳସ୍ଥିତି ମୋତେ ଅଳ୍ପରେ ଚଳିବା ଶିଖାଇ ଥିଲା । ନାସାକୁ ଯିବା ପାଇଁ ଭାରତ ସରକାର ସବୁ ଖର୍ଚ୍ଚ ବହନ କରିଥିଲେ । ହେଲେ ହାତ ଖର୍ଚ୍ଚ ବାବଦକୁ ୨ଲକ୍ଷ ଟଙ୍କା(୨୮୦୦ ଡଲାର) ଦରକାର ଥିଲା। ସେତିକି ଟଙ୍କା ଯୋଗାଡ଼ କରିବାକୁ ଘର ଲୋକଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଥିଲା।

**● ଖୁସିର ମୁହୂର୍ତ୍ତ କ'ଣ?**

ସଫଳତା ପାଇବା ପରେ ସମସ୍ତେ ଖୁସି ହୋଇଥିଲେ। ଗାଁଠାରୁ ସହର, ଦେଶଠାରୁ ବିଦେଶ ସବୁଠାରୁ ଶୁଭେଚ୍ଛାର ବାର୍ତ୍ତା ମିଳିବା ପରେ ମୁଁ ସଫଳତା ପାଇଛି ବୋଲି ଅନୁଭବ କଲି, ଯାହାକି ମତେ ଅଧିକ ଖୁସି ଦେଇଥିଲା।

**● ପ୍ରିୟ ଖାଦ୍ୟ କ'ଣ?**

ଖାଦ୍ୟକୁ ନେଇ ବିଶେଷ ରୁଚି ନାହିଁ । ମା' ଯାହା ଦିଏ ଖାଇ ଦିଏ। ହେଲେ ମା' ହାତରନ୍ଧା ଶାଗ ଭଜା ଓ ପଖାଳ ଭାତ ମୋର ସବୁଠୁ ପ୍ରିୟ ଖାଦ୍ୟ।

**● ନୂତନ ପୀଢିଙ୍କୁ କି ବାର୍ତ୍ତା ଦେବେ?**

ପେସାକୁ ଲକ୍ଷ୍ୟରଖି କାର୍ଯ୍ୟ କଲେ ହୁଏତ ରୋଜଗାର ସଂସ୍ଥା ମିଳିଯାଇ ପାରେ। ହେଲେ କାର୍ଯ୍ୟ ନିଶାରେ ପରିଣତ ହେଲେ ବଡ଼ ସଫଳତା ମିଳିଥାଏ। କାମ ସାରିବା ମୋର ନିଶା ଥିଲା। ସେ ନିଶା ମୋର ରାତିଦିନକୁ ଏକ କରି ଦେଇଥିଲା। ସେହିଭଳି ଆଗାମୀ ପିଢି ବଡ଼ ବଡ଼ ସ୍ୱପ୍ନ ଦେଖନ୍ତୁ ଏବଂ କାମକୁ ନିଶାରେ ପରିଣତ କରନ୍ତୁ। ସଫଳତା ଆପେ ପଛରେ ଗୋଡ଼ାଇବ।

**● ଭବିଷ୍ୟତର ଓଡ଼ିଶାକୁ କିଭଳି ଭାବରେ ଦେଖୁଛନ୍ତି?**

ଓଡ଼ିଶାରେ ବହୁତ ସମ୍ଭାବନା ରହିଛି। ସମ୍ଭାବନାର ସଦୁପଯାଗ ହୋଇପାରିଲେ ରାଜ୍ୟ ବହୁତ ଆଗେଇପାରିବ। ପ୍ରତିଭାଙ୍କୁ ଠିକ୍ ପ୍ରେରଣା, ପ୍ରୋତ୍ସାହନ ଓ ଭିତ୍ତିଭୂମି ମିଳିଲେ ରାଜ୍ୟରେ ବହୁ ବୈଜ୍ଞାନିକ ସୃଷ୍ଟି ହୋଇପାରିବେ।



ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ନାବାଳିକା ଛାତ୍ରୀଙ୍କୁ ଦୁର୍ବ୍ୟବହାର: ଶିକ୍ଷକଙ୍କୁ ମାଡ଼

**ଭାପୁର/ଖଣ୍ଡପଡ଼ା,୧୩।୨ (ଡି.ଏନ.ଏ./ସ୍ୱ.ପ୍ର.):** ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଏକ ହାଇସ୍କୁଲର ଜଣେ ନାବାଳିକା ଛାତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଗ୍ରାମବାସୀ ଜଣେ କୋଚିଂ ସେଣ୍ଟର ଶିକ୍ଷକଙ୍କୁ ନିସ୍ତୁକ୍ ମାଡ଼ ମାରିଛନ୍ତି। ବୁଧବାର ରାତି ୮ଟାରେ ଅଭିଯୁକ୍ତ ଶିକ୍ଷକ ଟ୍ୟୁସନ୍ ଛୁଟି ହେବା ପରେ ଜନୈକ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଘଟଣା ସମ୍ପର୍କରେ ଛାତ୍ରୀ ଜଣକ ଗ୍ରାମବାସୀ ଓ ସମ୍ପର୍କୀୟଙ୍କୁ କହିବା ପରେ ସାହି ଲୋକେ କୋଚିଂ ସେଣ୍ଟରକୁ ଯାଇ ଅଭିଯୁକ୍ତ ଶିକ୍ଷକଙ୍କୁ ଗାଁ ମଝିରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଝିଅର ବାପା ଜିଲା ବାହାରେ ରହୁଥିବାରୁ ଏ ସମ୍ପର୍କରେ ଥାନାରେ ଏତଲା ଦିଆଯାଇ ନଥିବା ଜଣାପଡିଛି।

### ରାଜ୍ୟସ୍ତରୀୟ ରାଜସୁନାଖଳା କପ୍ ଫୁଟ୍‌ବଲ: ପପୁଲାର୍ କ୍ଲବ୍ ବିଜୟୀ

**ବୋଲଗଡ଼,୧୩।୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ନିକଟସ୍ଥ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ବୁଧବାର ରାଜ୍ୟସ୍ତରୀୟ ରାଜସୁନାଖଳା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଫ୍ରେଣ୍ଡ୍ସ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କୁଜଙ୍ଗ ଆଥ୍‌ଲେଟିକ ଟିମ୍‌କୁ ଟାଏବ୍ରେକର ମାଧ୍ୟମରେ ୩-୨ ଗୋଲ୍‌ରେ ହରାଇ ଢେଙ୍କାନାଳର ପପୁଲାର କ୍ଲବ୍ ବିଜୟୀ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କୁଜଙ୍ଗ ଗୋଟିଏ ଗୋଲ୍ ସ୍କୋର କରିଥିଲା। ଜବାବରେ ଢେଙ୍କାନାଳ ମଧ ଗୋଟିଏ ଗୋଲ୍ ସ୍କୋର କରିଥିଲା। ଜାତୀୟସ୍ତରୀୟ ରେଫରି ସୁଦୀପ ପାତ୍ର ଖେଳ ପରିଚାଳନା କରିଥିବାବେଳେ ଏମ୍‌ଏସ୍ ବେଗ୍ ଓ ମଣ୍ଟୁ ମିଶ୍ର ଲାଇନ୍ସରେ ସହାୟତା କରିଥିଲେ। କିଶୋର ଯତି ୪ର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

### ବିଧାୟକଙ୍କ ଇସ୍ତଫା ଓ ଗିରଫ ଦାବି

କଂଗ୍ରେସର ଜନ ଆକ୍ରୋଶ ଅଭିଯାନ



**ଓଡ଼ଗାଁ,୧୩।୨(ସ୍ୱ.ପ୍ର.):** ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ସିସୋର ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ସିବିଆଇ ଦ୍ୱାରା ସମନ ପାଇଥିବା ଅଭିଯୋଗ ହୋଇଛି। ତେଣୁ ନୈତିକିତା ଦୃଷ୍ଟିରୁ ସାହୁ ବିଧାୟକ ପଦବୀରୁ ଇସ୍ତଫା ଦେବା ଓ ତାଙ୍କୁ ଗିରଫ କରିବାକୁ ଜିଲା କଂଗ୍ରେସ ତରଫରୁ ବୁଧବାର ଦାବି କରାଯାଇଛି। କଂଗ୍ରେସ ତରଫରୁ ବିଜେଡି ହଟାଓ, ନୟାଗଡ ବଞ୍ଚାଓ ସ୍ଲୋଗାନ ଦେଇ ଜନ ଆକ୍ରୋଶ ଅଭିଯାନ ଓ ଧାରଣା ଭଳି କାର୍ଯ୍ୟକ୍ରମ ସୋମବାରଠାରୁ ଏ ପର୍ଯ୍ୟନ୍ତ ନୟାଗଡ ସହରରେ ଆୟୋଜିତ ହୋଇଛି। ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ମଧ ଧାରଣା ଦିଆଯାଇଛି। ଓଡ଼ଗାଁ ବ୍ଲକ ଜୋନ୍ ସଭାପତି ବସନ୍ତ କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ଜିଲା କଂଗ୍ରେସ ସଭାପତି ଆଡ଼ଭୋକେଟ ରଞ୍ଜିତ ଦାଶ ଅରୁଣ ହଟାଓ ଅଭିଯାନରେ ସାମିଲ୍ ହୋଇଥିଲେ। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ହୁସେନ ଖାଁ, ମନୋଜ କୁମାର ସାହୁ, କମଳ ଚରଣ ସାହୁ, ଆଡଭୋକେଟ ବିଭୂତି ଭୂଷଣ ରାଉତ, ଜୋନ ୧ ସଭାପତି ନିରଞ୍ଜନ ତ୍ରିପାଠୀ, ନବ ନିର୍ମାଣ କୃଷକ ସଂଗଠନ କାର୍ଯ୍ୟକର୍ତ୍ତା ବାଇନାଥ ସାହୁ ପ୍ରମୁଖ ସମାବେଶରେ ଯୋଗଦେଇ ବିଧାୟକ ସାହୁଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

### ମହିଳା ମହାସଂଘର ବୈଠକ

**ବୋଲଗଡ଼,୧୩।୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ବୁଧବାର ମହିଳା ମହାସଂଘର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମହାସଂଘର ସଭାନେତ୍ରୀ ଶୈଳବାଳା ବାହିନୀପତି ଏଥିରେ ପୌରୋହିତ୍ୟ କରିଥିଲେ। ମହାସଂଘର ସମ୍ପାଦିକା ଗୀତାଞ୍ଜଳି ମହାନ୍ତି, ସିଡିପିଓ ବନବାସିନୀ ବିଶ୍ୱାଳ, ମିଶନଶକ୍ତି ସଂଯୋଜିକା ସୁରୁଚି ସୁପ୍ରୀତି ଏବଂ ବିପିଏମ୍ ପ୍ରକାଶ ବଳିୟାରସିଂହ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ବ୍ଲକର ମୋଟ ୧୯ଟି ପଞ୍ଚାୟତ ମଧ୍ୟରୁ ୧୨ଟି ପଞ୍ଚାୟତସ୍ତରୀୟ ମହିଳା ସଂଘ ଗଠନ କରାଯାଇ ଓଡିଶା ଜୀବିକା ମିଶନ ସହାୟତାରେ ଅର୍ଣ୍ଣବିନିଯୋଗ ପାଣ୍ଠି ଯୋଗାଇ ଦିଆଯାଇଛି। ବାଙ୍କୋଇଦେଶ, ଅସରଳା, ବଡକୁମାରୀ, ପିଟୁକୁଲି, ଧଳାପଥର, କଳାଙ୍ଗ ଓ ଦଳେଇସାହି ଭଳି ଅନ୍ୟ ୭ଟି ପଞ୍ଚାୟତସ୍ତରୀୟ ମହିଳା ସଂଘ ଗଠନ ନିମନ୍ତେ ପ୍ରସ୍ତାବ ରହିଛି। ସୂଚନାଯୋଗ୍ୟ, ପ୍ରତି ପଞ୍ଚାୟତସ୍ତରୀୟ ମହିଳା ସଂଘକୁ ୨୫ ଲକ୍ଷ ଟଙ୍କା ଲେଖାଏ ଅର୍ଣ୍ଣ ବିନିଯୋଗ ପାଣ୍ଠି ଯୋଗାଇ ଦିଆଯିବ ବୋଲି ବୈଠକରେ ବିପିଏମ୍ ସୂଚନା ଦେଇଥିଲେ।

■ ଚାଷୀ ପାଇଲେନି ମୁଗ ବିହନ

# ଗୋଦାମରେ ଖାଇଗଲେ ପୋକ

**ନୂଆଗାଁ,୧୩।୨(ଡି.ଏନ.ଏ.)**

ଚାଷୀମାନେ ଫସଲ ଅମଳ କରି ଲାଭବାନ ହେବା ପାଇଁ ସରକାର ସେମାନଙ୍କୁ ଭଲ ବିହନ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଅନେକ କ୍ଷେତ୍ରରେ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଅବହେଳା ଏବଂ ଖାମଖିଆଲ ନୀତି ଯୋଗୁ ଚାଷୀମାନେ ତାହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି।

ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନୟାଗଡ ଜିଲା ନୂଆଗାଁ ବ୍ଲକ କୃଷି ବିଭାଗରେ। ବ୍ଲକର ୨୨ ଗୋଟି ପଞ୍ଚାୟତରେ ଥିବା ଚାଷୀମାନଙ୍କୁ ମୁଗ ବିହନ ଯୋଗାଇ ଦେବା ଉଦ୍ଦେଶ୍ୟରେ କୃଷି ବିଭାଗ ତରଫରୁ ବ୍ଲକ ପାଇଁ ପ୍ରତି କିଟ୍‌ରେ ୪ କେଜି ମୁଗ ଥାଇ ୨୮୦ ଗୋଟି କିଟ୍ ଓ ଏକ ଚକଡା ବିଲରେ ମୁଗ ବୁଣି ପ୍ରଦର୍ଶନ ପାଇଁ ୨୦କୁଇଣ୍ଟାଲ ବିହନ ମୁଗ ଆସିଥିଲା। ଚାଷୀମାନେ ଧାନ ଅମଳ କରି ବିଲରେ ମୁଗ ବୁଣି ଅମଳ କରିବା ସମୟ ଆସିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ମୁଗ ବିହନ ଦିଆ ଯାଇ ନାହିଁ। ମୁଗ ଗୋଦାମକୁ ଆସିବା ପରେ ଚାଷୀମାନଙ୍କୁ ସେ ସବୁ ବଣ୍ଟନ କରା ନ ଯିବା ଫଳରେ ଗଚ୍ଛିତ ଥିବା ମୁଗ ସବୁରେ



ଗୋଦାମରେ ଗଚ୍ଛିତ ଥିବା ପୋକଲଗା ବିହନ ମୁଗ।

ପୋକ ଲାଗି ଯାଇଥିବା ଦେଖିବାକୁ ମିଳିଥିଲା। ବିହନ ଚାଷୀଙ୍କୁ ନ ଦେବା ନେଇ ଅଭିଯୋଗ ହେବା ପରେ କାଁ ଭାଁ ଚାଷୀଙ୍କୁ ଡାକି ମୁଗ କିଟ୍ ଦିଆଯାଉଥିବା ବେଳେ ଅନେକ କିଟ୍ ଓ ୨୦ କୁଇଣ୍ଟାଲ ମୁଗ ଗୋଦାମରେ ପଡି ରହିଛି। ଚାଷୀମାନଙ୍କ ଉଦ୍ଦେଶ୍ୟରେ ଆସିଥିବା ବିହନକୁ ସେମାନଙ୍କୁ ନ ଦେଇ ଗୋଦାମରେ ପୋକ ଖୁଆଉଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ନୂଆଗାଁ ବ୍ଲକ ସହକାରୀ କୃଷି ଅଧିକାରୀ ପୂଜା କହଁରଙ୍କୁ ପଚାରିବାରେ ସେ କୁହନ୍ତି, ଆମକୁ ଠିକ୍ ସମୟରେ ବିହନ ଦିଆ ନ ଯାଇ ଗତ ଜନୁୟାରୀ ୫ରେ ୨୮୦ କିଟ୍ ଓ ୧୭ରେ ୨୦ କୁଇଣ୍ଟାଲ ମୁଗ ବିହନ ଦିଆଯାଇଥିଲା। ସେହି ସମୟରେ ଆମ ଉପରେ ସରକାରଙ୍କ କାଳିଆ ଯୋଜନାର କାମ ଦିଆ ଯାଇଥିଲା। ସମସ୍ତ କର୍ମଚାରୀ ସେଥିରେ ବ୍ୟସ୍ତ ରହିବାରୁ ଲୋକମାନଙ୍କୁ ବିହନ ଦେଇ ପାରି ନ ଥିଲୁ। ସରକାରଙ୍କ କାଳିଆ ଯୋଜନା ପ୍ରଭାବରେ ଚାଷୀମାନେ ମୁଗ ବିହନ ନ ପାଇବା ଓ ଗୋଦାମରେ ଗଚ୍ଛିତ ଥିବା ବିହନରେ ପୋକଲାଗି ନଷ୍ଟ ହେବା ପାଇଁ କିଏ ଉତ୍ତରଦାୟୀ ରହିବେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

## ସ୍ୱାମୀ, ଶ୍ୱଶୁରଙ୍କୁ ଜେଲ

**ରଣପୁର,୧୩।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ମହତପଲ୍ଲା ଗ୍ରାମରେ ମଙ୍ଗଳବାର ଜଣେ ନବବଧୂଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଥିବା ସ୍ୱାମୀ ଓ ଶ୍ୱଶୁରଙ୍କୁ ବୁଧବାର ରଣପୁର କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ମୃତ ନବବଧୂ ହେଲେ ସସ୍ମିତା ବେହେରା। ସସ୍ମିତାଙ୍କ ପିତା ପୂର୍ଣ୍ଣଚନ୍ଦ୍ର ବେହେରା ଏନେଇ ରଣପୁର ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ ୨୯/୧୯ ରୁଜୁ କରି ଅଭିଯୁକ୍ତ ଶ୍ୱଶୁର ପ୍ରସନ୍ନ ମହାପାତ୍ର ଓ ସ୍ୱାମୀ ପ୍ରତାପ କୁମାର ମହାପାତ୍ର(୩୦)ଙ୍କୁ ଜେଲ୍ ପଠାଇଦେଇଛି। ସସ୍ମିତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବାପଘର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନା ଅଧିକାରୀ ବୈଦ୍ୟନାଥ ଭୋଇ ମହତପଲ୍ଲା ଗ୍ରାମରେ ପହଞ୍ଚି ହତ୍ୟା ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାରୁ ପ୍ରକାଶ, ୨୦୧୪ ମାର୍ଚ୍ଚ ମାସରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଅଠରାଙ୍ଗ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଏକମାତ୍ର ଝିଅ ସସ୍ମିତା(୨୬)ଙ୍କ ସହ ରଣପୁର ଥାନା ଅଧୀନ ମହତପଲ୍ଲା ଗ୍ରାମର ପ୍ରସନ୍ନଙ୍କ ବଡପୁଅ ପ୍ରତାପଙ୍କ ସହିତ ବିବାହ ହୋଇଥିଲା। ବାହାଘର ସମୟରେ କନ୍ୟାଘର ପକ୍ଷରୁ ୧ ଲକ୍ଷ ୩୦ହଜାର ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ତେବେ ଅଧିକ ଯୌତୁକ ବାପଘରୁ ଆଣିବା ପାଇଁ ଶାଶୁଘର ଲୋକେ ବୋହୂଙ୍କୁ ଦାବି କରିଥିଲେ। ଏଥିରେ ସସ୍ମିତା ରାଜି ନ ହେବାରୁ ତାଙ୍କ ତଣ୍ଟିଚିପି ହତ୍ୟାକରି ଶାଶୁଘର ଲୋକେ ଫ୍ୟାନ୍‌ରେ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି। ପରେ ଝିଅ ଦେହ ଖରାପ ହୋଇଛି ବୋଲି ବାପଘରକୁ ଜଣାଇବା ପରେ ସେମାନେ ଶ୍ୱଶୁର ଘରେ ପହଞ୍ଚିବା ବେଳକୁ ସସ୍ମିତାଙ୍କ ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ତେବେ ସସ୍ମିତାଙ୍କ ମୃତ୍ୟୁ ଓ ପ୍ରତାପଙ୍କୁ ଜେଲ୍ ହେବା ପରେ ବର୍ତ୍ତମାନ ସେମାନଙ୍କର ୨ବର୍ଷର ପୁତ୍ର ଅନାଥ ହୋଇଯାଇଥିବା କୁହାଯାଇଛି।

## ଜୁନିୟର ରେଡ୍‌କ୍ରସ୍ ମେଳା ଓ ଶିକ୍ଷା ଶିବିର ଉଦ୍‌ଯାପିତ

**ନୂଆଗାଁ,୧୩।୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ମହିପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ତିନି ଦିନି ଧରି ଚାଲିଥିବା ୭ମ ଜିଲା ସ୍ତରୀୟ ଜୁନିୟର ରେଡକ୍ରସ ମେଳା ଓ ଶିକ୍ଷା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ନୟାଗଡ ଜିଲାର ଆଠଗୋଟି ବ୍ଲକର ୨୮୭ ଜଣ ଜୁନିୟର ରେଡକ୍ରସର ଛାତ୍ରୀଛାତ୍ର ଓ ୪୮ ଜଣ କାଉନସିଲର ଏଥିରେ ଯୋଗଦେଇଥିଲେ। ଶିବିରରେ ଜିଲା କ୍ରୀଡା ନିରୀକ୍ଷକ ନେତୃତ୍ୱ ନେଇଥିଲେ। ରେଡକ୍ରସର ଜିଲା ପରିଦର୍ଶକ ବିଜୟ କୁମାର ମହାପାତ୍ର, ସୁପ୍ରଭା ଦେବୀ, ପ୍ରକାଶ କୁମାର, ସନ୍ୟାସୀ ପ୍ରଧାନ ପ୍ରମୁଖଙ୍କ ଦ୍ୱାରା ପ୍ରାର୍ଥନା, ଭଜନ, ଯୋଗ ଆଦି ପରିଚାଳନା କରାଯାଇଥିଲା। ଛାତ୍ରୀଛାତ୍ର ଓ କାଉନସିଲରମାନେ ଏକ ଶୋଭାଯାତ୍ରାରେ ମହିପୁର ଗ୍ରାମ, ଡାକ୍ତରଖାନା ଛକ, ପାଟୁଳିସାହି ପରିକ୍ରମା



ଉଦଯାପନୀ ଉତ୍ସବ ପ୍ୟାରେଡରେ ଛାତ୍ରୀଛାତ୍ର।

କରିଥିଲେ। ବାହାଡାଝୋଲା ବାଳିକା ଉଚ୍ଚ ବିଦ୍ୟାଳୟ, ଖଳିସାହି ଲିଙ୍ଗରାଜ ହାଇସ୍କୁଲ ଦ୍ୱାରା ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ତିନିଦିନ ଧରି ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିବିରର ଉଦଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ଡ. ଅଭୟ କୁମାର ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହିପୁର ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦ ଏହି ଶିବିରର ସମସ୍ତ କାର୍ଯ୍ୟ ଶୃଙ୍ଖଳା ଓ ସୂଚାରୁ ରୂପେ ପରିଚାଳନା କରିଥିଲେ।

## ନାଟକ 'ସାତ ଜନମର ଜୀବନ ସାଥୀ' ମଞ୍ଚସ୍ଥ

**ଭାପୁର,୧୩।୨(ଡି.ଏନ୍.ଏ.)**

ସ୍ଥାନୀୟ ବଜାର ଯାତ୍ରା ପଡ଼ିଆରେ ଭାପୁର ଗ୍ରାମ ପାଇକସାହି ମହାବୀର କ୍ଲବ୍ ଆନୁକୂଲ୍ୟରେ ସାମାଜିକ ନାଟକ 'ସାତ ଜନମର ଜୀବନ ସାଥୀ' ମଙ୍ଗଳବାର ମଞ୍ଚସ୍ଥ ହୋଇଛି। ନାଟକଟିକୁ ନାଟ୍ୟକାର ଜୀବନ ଜେନା ରଚନା କରିଥିଲେ। ବୁଲୁ ମଲିକ ଓ ସାଧୁଚରଣ ସିଂହ ନିର୍ଦ୍ଦେଶନା ଦେଇଥିଲେ। ଧନୁ, ଅନ୍ତରା, କବି, ହାବା, ମାନସ, ବାଦଲ, ଲଣ୍ଡା, ଲିଟୁ, ଅରୁଣଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ନାଟକ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଗୟାଧର ପରିଡ଼ା, ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝି, ଭାପୁର ସରପଞ୍ଚ ପ୍ରସନ୍ନ ନାୟକ, ଫତେଗଡ଼ ସରପଞ୍ଚ ତୋଫାନ ପ୍ରଧାନ, ସାମାଜିକ କର୍ମୀ ବେଣୁ ପ୍ରଧାନ ଓ ସୁଶାନ୍ତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଶ୍ରୀରାମ ଆଶ୍ରମରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା, ଭାଗବତ ସଭା



ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁ।

**ଭାପୁର,୧୩।୨(ଡି.ଏନ୍.ଏ.)**

ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ କିସ୍‌ମତ କେନ୍ଦୁପଲ୍ଲୀ ଗ୍ରାମସ୍ଥ ଶ୍ରୀରାମ ଆଶ୍ରମରେ ହନୁମାନ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଏ ଉପଲକ୍ଷେ ମଙ୍ଗଳବାର ଓ ବୁଧବାର ୨ ଦିନ ଧରି ଧାର୍ମିକ କାର୍ଯ୍ୟକ୍ରମ ଓ ଭାଗବତ ସଭା ଆୟୋଜିତ ହୋଇଛି। ପଣ୍ଡିତ ତପନ କୁମାର ପଣ୍ଡା, ଅଖିଳେଶ ପ୍ରସାଦ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, କୈଳାସ ନାଥ ପଣ୍ଡା, ପବିତ୍ର କୁମାର ପୃଷ୍ଟି ଓ ଶରତ ଚନ୍ଦ୍ର ପଣ୍ଡା ଶ୍ରୀମଦ୍ ଭାଗବତ ଗ୍ରନ୍ଥ ଦଶମ ସ୍କନ୍ଧର ପଞ୍ଚମ ଓ ଷଷ୍ଠ ଅଧ୍ୟାୟରେ ବର୍ଣ୍ଣିତ କୃଷ୍ଣଙ୍କ ଗୋକୁଳରେ ଜନ୍ମ ମହୋତ୍ସବ ଓ ପୂତନା ଉଦ୍ଧାର ବିଷୟରେ ଚର୍ଚ୍ଚା କରିଥିଲେ। ଏହି ଅବସରରେ ବୃନ୍ଦାବନ ଧାମର ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ, ବୈକୁଣ୍ଠଧାମର ଗୋପୀନାଥ ଦାଶ ମହାରାଜ, ପ୍ରାଣକୃଷ୍ଣ ମହାରାଜ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପାଲା ଗାୟକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ଉପସ୍ଥିତ ରହି ପଣ୍ଡିତ ଅଖିଳେଶ ପଣ୍ଡା, ରାଜକିଶୋର ମହାପାତ୍ର, ପଦ୍ମଚରଣ ପଣ୍ଡା ଓ ଭାଗୀରଥି ପଣ୍ଡାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ନୟାଗଡ଼ ନବୋଦୟ ବିଦ୍ୟାଳୟରେ ର୍‌ୟାଗିଂ ଅଭିଯୋଗ

**ଓଡ଼ଗାଁ(ସ୍ୱ.ପ୍ର.)/ନୟାଗଡ଼ ଅଫିସ,୧୩।୨**

■ ହାଉସ୍ ମାଷ୍ଟର ଓ ଥାନା ଆଇଆଇସିଙ୍କ ଅଭିଯୋଗକୁ ଖଣ୍ଡନ

■ ୩ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ

ନୟାଗଡ଼ ଜିଲାରେ ଅବସ୍ଥାପିତ ନବୋଦୟ ବିଦ୍ୟାଳୟରେ ଜଣେ ୮ମ ଶ୍ରେଣୀ ଛାତ୍ରଙ୍କୁ ତିନିଜଣ ଦ୍ୱାଦଶ ଶ୍ରେଣୀ ଛାତ୍ର ର୍‌ୟାଗିଂ କରିଥିବା ନେଇ ଅଭିଯୋଗ ହୋଇଛି। ତେବେ ଏହାକୁ ସ୍କୁଲ ତରଫରୁ ଖଣ୍ଡନ କରାଯାଇଛି। ଜନୈକ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ୮ତାରିଖରେ ଦୁଇଜଣ ଛାତ୍ର ଛାତ୍ରାବାସକୁ ଯିବା ସମୟରେ ୪ର୍ଥ ମହଲାକୁ ଡାକିନେଇ ମାରପିଟ କରିଥିଲେ। ଅନ୍ୟ ଜଣେ ଛାତ୍ର ସେଠାରେ ପହଞ୍ଚି ସେମାନଙ୍କୁ ସହଯୋଗ କରିଥିଲେ। ଏପରି କି ସେମାନେ କୁଆଡେ ସମ୍ପୃକ୍ତ ଛାତ୍ରଙ୍କୁ ପରିସ୍ରା ପିଇବାକୁ ବାଧ କରିଥିଲେ। ଏନେଇ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପୀଡିତ ଛାତ୍ରଙ୍କ ମା' ଘଟଣା ସମ୍ପର୍କରେ ଅନ୍ୟଠାରୁ ଜାଣିବା ପରେ ତୁରନ୍ତ ସ୍କୁଲରେ ପହଞ୍ଚି ପୁଅର ଚିକିତ୍ସା କରିବା ସହିତ ଘଟଣା ସମ୍ପର୍କରେ ବିଦ୍ୟାଳୟ ଅଧକ୍ଷ ଏବଂ ହାଉସ୍ ମାଷ୍ଟରଙ୍କୁ ଅବଗତ କରିଥିଲେ। ହେଲେ ସେଥିପ୍ରତି ସେମାନେ ଧ୍ୟାନ ଦେବା ପରିବର୍ତ୍ତେ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଥିଲେ। ପରେ ସ୍କୁଲ କର୍ତ୍ତୃପକ୍ଷ ୧୧ ତାରିଖରେ ତାଙ୍କ ଠାରୁ ଅଭିଯୋଗ ଗ୍ରହଣ କରିଥିଲେ। ଅନ୍ୟପକ୍ଷେ ତାଙ୍କ ନିଜ ରିସ୍କରେ ପିଲାକୁ ସ୍କୁଲରେ ଅଧ୍ୟୟନ କରିବାକୁ ଏକ ଚିଠି ମାଧ୍ୟମରେ ସଂପୃକ୍ତ ଛାତ୍ରଙ୍କ ବାପାଙ୍କୁ ଜଣାଇଦେଇଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଟାଳଟୁଳନୀତିରେ ଅସନ୍ତୋଷ ବ୍ୟକ୍ତ କରି ଛାତ୍ରଙ୍କ ମା' ଏନେଇ ନୟାଗଡ ଟାଉନ ଥାନାରେ ୧୨ ତାରିଖରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତିନିଜଣ ଛାତ୍ରଙ୍କ ବିରୋଧରେ ବିଭିନ୍ନ ଦଫାରେ ନଂ ୨୨/୧୯ରେ ଏକ ମାମଲା ରୁଜୁ କରିଛି। ତେବେ ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ ର୍‌ୟାଗିଂ ସମ୍ପର୍କିତ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ସେହିପରି ନବୋଦୟ ସ୍କୁଲ ହାଉସ୍ ମାଷ୍ଟର ଛୋଟୁ ପ୍ରସାଦଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଏହିଭଳି କୌଣସି ଘଟଣା ସ୍କୁଲରେ ଘଟି ନ ଥିବା ସେ କହିଛନ୍ତି।

## ବାୟାପଲ୍ଲୀ ମା' ରାମଚଣ୍ଡୀଙ୍କ ବାର୍ଷିକ ଉତ୍ସବ

**ବୋଲଗଡ଼,୧୩।୨(ଡି.ଏନ.ଏ.)**

ସାନପଦର ପଞ୍ଚାୟତସ୍ଥ ବାୟାପଲ୍ଲୀ ଗ୍ରାମ ଉପକଣ୍ଠ ଭାଲିଆ ମୁଣ୍ଡିଆ ପାହାଡ଼ ଶୀର୍ଷରେ ଥିବା ମା'ରାମଚଣ୍ଡୀଙ୍କ ପୀଠ ବାର୍ଷିକ ଉତ୍ସବ ଅବସରରେ ଉତ୍ସବମୁଖର ହୋଇଉଠିଛି। ବୁଧବାର ପ୍ରାତଃ ସମୟରେ ୧୦୮ ମହିଳା ଶ୍ରଦ୍ଧାଳୁ ଖଜୁରୀ ପୁଷ୍କରିଣୀରୁ ପବିତ୍ର ଜଳ କଳଶ ନେଇ ମା'ଙ୍କୁ ଲାଗି କରିଥିଲେ। ପୀଠରେ ହୋମ, ଯଜ୍ଞ, ପୂଜାର୍ଚ୍ଚନା ସହ ନାଟକ ଗଙ୍ଗା, କାଳୀ ଓ କଳି ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁଏ ଦର୍ଶକମାନେ ଉତ୍ସବରେ ଉପସ୍ଥିତ ହୋଇ ମା'ଙ୍କୁ ଭକ୍ତି ଓ ପ୍ରାର୍ଥନା କରିଥିଲେ।

## ୫ କି.ଗ୍ରା. ଗଞ୍ଜେଇ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୩।୨:** ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବୁଧବାର ପୂର୍ବାହ୍ନରେ ଅବକାରୀ ବିଭାଗର କର୍ମଚାରୀମାନେ ୫ କିଗ୍ରା ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ମେଦିନାପୁର ଜିଲା ପଶ୍ଚିମବଙ୍ଗର ଚନ୍ଦୁ ମାଇତି(୨୭)ଙ୍କୁ ଗିରଫ କରାଯାଇଛି। ଚନ୍ଦୁ କନ୍ଧମାଳରୁ ଗଞ୍ଜେଇ ଆଣି ଖୋର୍ଦ୍ଧାରେ ବ୍ୟବସାୟ କରନ୍ତି। ବୁଧବାର ମେଦିନାପୁର ଫେରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅପେକ୍ଷାରତ ଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ଚନ୍ଦୁଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି।

■ ମଧ୍ୟାହ୍ନଭୋଜନ ଅନିୟମିତତା ଘଟଣା

## ବଦଳିଲେ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀ

**ଦଶପଲ୍ଲା,୧୩।୨(ଡି.ଏନ.ଏ.)**

ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ପ୍ରତିବାଦରେ ଗତ ଜାନୁୟାରୀ ମାସ ୨୯ ତାରିଖରେ ଦୁଇଟି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ମାନେ ଧାରଣା ଦେବା ସହ ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି କରିଥିଲେ। ଏହି ଘଟଣାରେ ଗୋଟିଏ ବିଦ୍ୟାଳୟର ୨ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ଅନ୍ୟତ୍ର ବଦଳି କରାଯାଇଥିବା ଜଣାଯାଇଛି।

ପ୍ରକାଶ ଯେ,ନିମ୍ନମାନର ମଧ୍ୟାହ୍ନ ଭୋଜନ ପ୍ରତିବାଦରେ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅଭିଭାବକ ମାନେ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବି କରିଥିଲେ। ଏପରିକି ବିଦ୍ୟାଳୟକୁ ପାଠପଢିବା ପାଇଁ ଅଭିଭାବକମାନେ କୌଣସି ଛାତ୍ରୀଛାତ୍ରଙ୍କୁ ଛାଡି ନଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଗୋବିନ୍ଦପୁର ପାଟଣା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିବା ବେଳେ ସହକାରୀ ଶିକ୍ଷୟିତ୍ରୀଙ୍କୁ ଜାନିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ସେମାନଙ୍କ ସ୍ଥାନରେ ଗୋବିନ୍ଦପୁର ପାଟଣା ପ୍ରାଥମିକ ବିଦ୍ୟାଳୟରୁ ନମିତା ସାହୁ ଏବଂ ଆର୍‌ଏମ୍‌ଜେ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରକାଶ କୁମାର ସାହୁଙ୍କୁ ଅବସ୍ଥାପିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୨୨୧/୧୧.୦୨.୨୦୧୯ ରେ ପ୍ରକାଶ ପାଇଥିବା ତାଲିକାରେ ୬ଜଣ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଥିବା ଜଣାପଡିଛି।

■ ୧୬ରୁ ନୀଳମାଧବ ଜୀଉଙ୍କ ମାଘମେଳା

# ବିଳମ୍ବରେ ବସିଲା ପ୍ରସ୍ତୁତି ବୈଠକ

**ଖଣ୍ଡପଡ଼ା,୧୩।୨(ସ୍ୱ.ପ୍ର.)**

 କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପବିତ୍ର ଭୈମୀ ଏକାଦଶୀ ବା ମାଘମେଳା ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଶହ ଶହ ବର୍ଷଧରି ଅନୁଷ୍ଠିତ ହେଉଥିବା ଏହି ମେଳାରେ ବୁଲିବା ସହିତ ଶ୍ରୀ ଜୀଉଙ୍କ ଦର୍ଶନ ନିମନ୍ତେ ପ୍ରତିବର୍ଷ ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥାନ୍ତି। ଚଳିତ ବର୍ଷ ଏହା କିପରି ଶାନ୍ତି ଓ ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେ ନେଇ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କ ଆବାହକତ୍ୱରେ ସ୍ଥାନୀୟ କଂସା, ପିତଳ ବ୍ୟାଖ୍ୟାନ କେନ୍ଦ୍ରଠାରେ ନୀଳମାଧବ ମନ୍ଦିର ପରାମର୍ଶଦାତା କମିଟିର ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମାତ୍ର ଆଉ ୨ ଦିନ ପରେ ମେଳା ଆରମ୍ଭ ହେବ। ତେବେ ଏତେ ବିଳମ୍ବରେ ପ୍ରସ୍ତୁତି ବୈଠକ ବସିବା ନେଇ ଏହାକୁ ପ୍ରଶାସନିକ ଅବହେଳା ବୋଲି ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଏଥିପାଇଁ ଜିଲାସ୍ତରୀୟ ଏକ ବୈଠକ ଆୟୋଜନ କରିବା ପାଇଁ କଣ୍ଟିଲୋ ନାଗରିକ ମଞ୍ଚ ଓ କେତେଜଣ କମିଟି ସଭ୍ୟ ନୟାଗଡ଼ ଜିଲାପାଳ ଡ. ଏନ୍ ତିରୁମଲ ନାୟକଙ୍କୁ ସାକ୍ଷାତ ପୂର୍ବକ ଅନୁରୋଧ କରିଥିଲେ। କିନ୍ତୁ ନିର୍ବାଚନ ପ୍ରସ୍ତୁତି, ରାଜ୍ୟ ସରକାରଙ୍କ



ବୈଠକରେ ଉପସ୍ଥିତ ବିଧାୟକ, ଅଧିକାରୀ ଓ ଅନ୍ୟମାନେ।

କାଳିଆ ଓ ପିଠା ଯୋଜନାରେ ସେ ବ୍ୟସ୍ତ ରହୁଥିବାରୁ ବୈଠକ ନିମନ୍ତେ ସମୟ ଦେଇ ପାରି ନ ଥିଲେ। ତେବେ ବିଳମ୍ବରେ କମିଟି ସଭାପତି ତଥା ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲ। ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ଅନୀଲ କୁମାର ଆଚାର୍ଯ୍ୟ, ଦେବୋତ୍ତର ମ୍ୟାନେଜର ହରିହର ଦାଶ, ନୂଆ ଗଡିଆ ସାହି ମେଡିକାଲ ଅଫିସର ଡା. ରବୀନ୍ଦ୍ର କୁମାର ସାହୁ, ଅଗ୍ନିଶମ ସେବା ଅଧିକାରୀ ଅଲ୍ଲୀ ଖାଁ ଓ ସଞ୍ଜୀବ କୁମାର ସାହୁ, ଫେଡ୍‌କୋ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ନାୟକ, ସନ୍ଦୀପ ସେନାପତି, ପୂଜକ ସମାଜର ସଭାପତି ଓ ସମ୍ପାଦକ ଯଥାକ୍ରମେ ରାଜୀବ କୁମାର ମିଶ୍ର ଏବଂ ହୃଷିକେଶ ମିଶ୍ର, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ମାଘ ଏକାଦଶୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ପର୍ଯ୍ୟନ୍ତ ମେଳା ଚାଲିବ। ତେବେ ଗତ ୨୦ରୁ ୨୫ ବର୍ଷ ହେବ ମେଳା କେତେ ଆକର୍ଷଣ ହୋଇପାରିବ ତାହା ମୁଖ୍ୟତଃ ଯାତ୍ରା ଦଳ(ଅପେରା ପାର୍ଟି) ଉପରେ ନିର୍ଭର କରୁଛି। ଯାତ୍ରା କମିଟି ତଥା ଅପେରା ମାଲିକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଅନୁଯାୟୀ ଯାତ୍ରା ଦଳ ଏଠାକୁ ଆସିଥାନ୍ତି। ମାଲିକମାନଙ୍କୁ ବର୍ଷକ ପୂର୍ବରୁ ଯାତ୍ରା କମିଟି ତରଫରୁ ଲକ୍ଷାଧିକ

■ ଶାନ୍ତି, ଶୃଙ୍ଖଳା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ନିମନ୍ତେ ବ୍ୟବସ୍ଥା

■ ଯାତ୍ରା ଦଳ ସାଜିବେ ମୁଖ୍ୟ ଆକର୍ଷଣ

ଟଙ୍କା ଅଗ୍ରୀମ ଆକାରରେ ପ୍ରଦାନ କରାଯାଏ। ପରମ୍ପରା ଅନୁସାରେ ମେଳା ୫ରୁ ୭ ଦିନ ମଧ୍ୟରେ ସରିଯାଉଥିଲେ ମଧ୍ୟ ଅପେରା ପାର୍ଟିର ଆକର୍ଷଣ ଯୋଗୁ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଯାତ୍ରା ଚାଲିଥାଏ। ଏଥିପାଇଁ ପ୍ରଶାସନିକ ଅନୁମତି ମିଳିବାରେ କିଛିଟା ସମସ୍ୟା ସୃଷ୍ଟି ହୋଇଥାଏ। ଚଳିତ ମାଘମେଳା ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାର ପରମ୍ପରା ରହିଥିଲେ ମଧ୍ୟ ଯାତ୍ରା ସ୍ୱର୍ଣ୍ଣମହଲ, ତୁଳସୀ ଗଣନାଟ୍ୟ, କୋଣାର୍କ ଗଣନାଟ୍ୟ, ଯାତ୍ରାଗାଁ ଆଦି ଦଳଗୁଡ଼ିକ ଫେବୃୟାରୀ ୨୬ରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଯାତ୍ରା ମଞ୍ଚସ୍ଥ କରିବେ। ଏହି ସମୟରେ ମାଟ୍ରିକ୍ ପରୀକ୍ଷା ମଧ ରହିଛି। ଏହି ପରିପ୍ରେକ୍ଷୀରେ ମେଳାରେ ଶାନ୍ତି, ଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟ ଜଳ ବ୍ୟବସ୍ଥା, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛ ପରିମଳ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ସହ ପ୍ରଶାସନିକ ଏବଂ ଅଗ୍ନିଶମ ସେବା ବିଭାଗର ସହଯୋଗ ନିମନ୍ତେ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଅତିରିକ୍ତ ତହସିଲଦାର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।